## ସଂକ୍ଷେପରେ

### ପଶ୍ଚିମାଝଡ଼ରେ ଉଡ଼ିଗଲା ଛପର

କୋରେଇ,୨୮।୩(ଡି.ଏନ.ଏ.): ପଶ୍ଚିମାଝଡ଼ ପ୍ରଭାବରେ ମଙ୍ଗଳବାର କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ କ୍ଷୟକ୍ଷତି ହୋଇଛି। ଅପରାହ୍ନ ପ୍ରାୟ ୪ଟା୩୦ରେ ଅଚାନକ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି, କୁଆପଥର ବୃଷ୍ଟି ହୋଇଥିଲା। ପ୍ରାୟ ୭୫ରୁ ୧୦୦ କିମି ବେଗରେ ପବନ ବହିଥିଲା। ଫଳରେ ଉକ୍ତ ବ୍ଲକ ଅନ୍ତର୍ଗତ ତାହାରପୁର ପଞ୍ଚାୟତ ଖଣ୍ଡୁଆଳି ଗ୍ରାମର ଶିବ ମାରାଣ୍ଡି, କ୍ରୀଷ୍ଣ ମାରାଣ୍ଡି ଓ ଖେଲା ମାରାଣ୍ଡିଙ୍କ ଘର ଛପର ଉଡିଯାଇଥିଲା। ସେମାନେ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ଦିନମଜୁରିଆ ଭାବେ କାମ କରି ପରିବାର ଚଳାନ୍ତି। ଘରର ଛପର ଉଡିଯିବା ପରେ ସମସ୍ତ ଆବାସପତ୍ର ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ସେମାନେ ବାସହୀନ ହୋଇପଡ଼ିଛନ୍ତି। ପୀଡ଼ିତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ରକ୍ତଭଣ୍ଡାରରେ ଆବଶ୍ୟକ ମେଶିନ ସ୍ଥାପନ ଦାବି

ଯାଜପୁର ଟାଉନ,୨୮।୩(ଡି.ଏନ.ଏ.): ଯାଜପୁର ଜିଲା ସଦର ମହକୁମାଠାରେ ଥିବା ରକ୍ତଭଣ୍ଡାରରେ ରକ୍ତକୁ ଭାଗ ଭାଗ କରିବା ପାଇଁ ଏକ ମେଶିନର ଆବଶ୍ୟକତା ରହିଛି। ଉକ୍ତ ମେଶିନ ରକ୍ତ ଭଣ୍ଡାରରେ ରହୁଥିବା ରକ୍ତଗୁଡ଼ିକ ମଧରୁ ଲୋହିତ ରକ୍ତକଣିକା, ଶ୍ୱେତ ରକ୍ତ କଣିକା ଓ ପ୍ଲାଜ୍‌ମାକୁ ଅଲଗା କରିବ। ମାତ୍ର ଏହି ମେଶିନ ସବୁ ରକ୍ତ ରକ୍ତଭଣ୍ଡାରରେ ରହୁ ନ ଥିବାରୁ ରୋଗୀ କଟକ ଯାଇ ସେଠାରେ ସେମାନଙ୍କ ଆବଶ୍ୟକତା ପୂରଣ କରୁଛନ୍ତି। ଠିକ୍ ସମୟରେ ଏହି ପ୍ରକାରର ରକ୍ତ ପହଞ୍ଚି ନ ପାରିବାରୁ ବହୁ ରୋଗୀ ଅକାଳରେ ମୃତ୍ୟୁ ବରଣ କରୁଛନ୍ତି। ତେଣୁ ସଦର ମହକୁମା ରକ୍ତଭଣ୍ଡାରରେ ଏହି ମେଶିନ ସ୍ଥାପନ ପାଇଁ ଜିଲାପାଳଙ୍କ ନିକଟରେ ଯାଜପୁର ସହରର ଆଦରମଣୀ ବରାଳ, କୃଷ୍ଣଚନ୍ଦ୍ର କବି, ହିମାଂଶୁ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ସାହୁ, ଅସ୍ମିତା ପ୍ରିୟଦର୍ଶିନୀ ଖୁଣ୍ଟିଆ, ଧର୍ମେନ୍ଦ୍ର ରାଉତ, ବିଷ୍ଣୁପ୍ରିୟା କବି ଓ ଗୁରୁଚରଣ ମାଝି ପ୍ରମୁଖ ଦାବି କରିଛନ୍ତି।

### ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଭ୍ୟ ପଦ ରଦ୍ଦକୁ ବିରୋଧ

କଳିଙ୍ଗନଗର,୨୮।୩(ଡି.ଏନ.ଏ.): ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟ ପଦ ରଦ୍ଦ ନିଷ୍ପତ୍ତି ବିରୋଧରେ ବ୍ୟାସନଗରସ୍ଥ ନୂଆ ମାର୍କେଟର ଗାନ୍ଧୀ ମୂର୍ତ୍ତି ନିକଟରେ ସତ୍ୟାଗ୍ରହ କରାଯାଇଛି। ଏଥିରେ ବ୍ୟାସନଗର କଂଗ୍ରେସ ସଭାପତି ଦିଲୀପ କୁମାର ମଲ୍ଲିକ, ରାଜ୍ୟ ଅଣସଂଘଠିତ ଶ୍ରମିକ କଂଗ୍ରେସ ଆବାହକ ବିଦ୍ୟାଧର ମହାନ୍ତି, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡ଼ା, ସୁଧାନିଧି ମହାପାତ୍ର, କାଉନସିଲର ରବୀନ୍ଦ୍ର ରାଉତ, ଭରତ ଓଝା, ଅନ୍ନପୂର୍ଣ୍ଣା ତରେଇ, ରାଜକିଶୋର ପ୍ରଧାନ, ଅନୁପ ନାୟକ, ଦିଲ୍ଲୀପ ଜେନା, ବରିଷ୍ଠ ଶ୍ରମିକ ନେତା ନାରାୟଣ ନାୟକ, ପଦ୍ମନାଭ ନାୟକ, ପ୍ରଭାତ ମହାପାତ୍ର, ଗୌରହରି ଦାସ, ସୁରେନ୍ଦ୍ର ନାୟକ, ଅମୂଲ୍ୟ ମଲ୍ଲିକ, ରମାକାନ୍ତ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ସୁରେଶ ରାଉତ ଓ ଆଲୋକ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

# କାମ ନ ସାରି ଅନୁଦାନ ଆତ୍ମସାତ୍ ମସୁଧା

**ବରାହ ପୀଠ ଉନ୍ନତୀକରଣ କାର୍ଯ୍ୟ**

- ଚୂଡ଼ାନ୍ତ ବିଲ୍ ଅର୍ଥ ପ୍ରଦାନ କରିବାକୁ ବିଭାଗୀୟ ସୁପାରିସ
- ଓସିସି, ଜଳସେଚନ ବିଭାଗର ମଧୁଚନ୍ଦ୍ରିକା ସନ୍ଦେହ

ଯାଜପୁର ଅଫିସ,୨୮।୩ :

ପର୍ଯ୍ୟଟନର ବିକାଶ ପାଇଁ ଯାଜପୁର ଜିଲା ସଦର ମହାକୁମାର ବିରଜା ମନ୍ଦିର, ବରାହ ପୀଠ ଏବଂ କୁସୁମା ପୋଖରୀ ଉନ୍ନତିକରଣ ସହ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରାୟ ୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଓଡ଼ିଶା କନଷ୍ଟ୍ରକ୍ସନ କମ୍ପାନୀ(ଓସିସି) ପକ୍ଷରୁ ବୈତରଣୀ ନଦୀ ବାମପାର୍ଶ୍ୱ ବରାହପୀଠର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ଚୂଡ଼ାନ୍ତ ବିଲ ପୈଠ କରିବାକୁ ବିଭାଗୀୟ ନିଷ୍ପତ୍ତି ନିଆଯାଇଛି। ଏହାସହ ଏହି ପ୍ରକଳ୍ପ କାର୍ଯ୍ୟକୁ ଅବଲୋକନ କଲେ ଖର୍ଚ୍ଚ ପରିମାଣଠାରୁ ବହୁ ଗୁଣ କମ୍ କାମ ହୋଇଥିବା ଅଭିଯୋଗ ହୋଇଛି। ଅତି ନିମ୍ନମାନର କାମ ହୋଇଥିବାବେଳେ ସୋମବାର ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ଚୂଡ଼ାନ୍ତ ବିଲ ବାବଦକୁ ୫୮ ଲକ୍ଷ ୧ ହଜାର ୮୩ ଟଙ୍କା ପ୍ରଦାନ କରିବାକୁ ଅତିରିକ୍ତ ସଚିବଙ୍କୁ ଅନୁରୋଧ କରିଛନ୍ତି। ଏଥିରୁ ବିପୁଳ ସରକାରୀ ଅର୍ଥ ଆତ୍ମସାତ କରିବାକୁ ଓସିସି ଏବଂ ବିଭାଗୀୟ ଅଧିକାରୀ ମିଳିମିଶି ଚକ୍ରାନ୍ତ କରୁଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି ।



ଐତିହାସିକ ବରାହ ପୀଠ ।

ରାଜ୍ୟର ୧୫ ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୧୬୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେଥିରୁ ଯାଜପୁର ଜିଲାର ୨୭.୦୬ କୋଟି ଟଙ୍କାର ୪ ପ୍ରକଳ୍ପ ରହିଛି। ଏହିସବୁ ପ୍ରକଳ୍ପଗୁଡିକର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ଗତ ୭।୮।୨୦୨୧ର ସ୍ପଷ୍ଟୀକରଣ ମାଗିଥିଲେ। ଏହି ସ୍ପଷ୍ଟୀକରଣ ଉପରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନା ୯।୮।୨୦୨୧ରେ ଆସିଷ୍ଟାଣ୍ଟ ଅଡିଟ ଅଫିସର(ଏ.ଜି. ଅଡିଟ-୨)ଙ୍କୁ ଦେଇଥିବା ରିପୋର୍ଟରେ ମାତ୍ର ୪ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇଥିଲେ। ଏଥିରେ ଯାଜପୁର ଜିଲାର ବୈତରଣୀ ନଦୀକୂଳରେ ଥିବା ବରାହପୀଠର ଉନ୍ନତିକରଣ ଅଧାପନ୍ତରିଆ ରହିଥିଲେ ହେଁ ରିପୋର୍ଟରେ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଥିଲା। ଏପରି ଚଞ୍ଚକତା ଅଞ୍ଚଳବାସୀଙ୍କ ମନରେ ଭ୍ରମ ସୃଷ୍ଟି ହେବା ସହ ଓସିସିର କାର୍ଯ୍ୟ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବରାହପୀଠର ଉନ୍ନତିକରଣ ପାଇଁ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ପକ୍ଷରୁ ଗତ ୪।୧୨।୨୦୧୪ରେ ୪ କୋଟି ୪୫ ଲକ୍ଷ ୨ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୩।୨।୨୦୧୫ରେ ଏହି ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଓସିସିକୁ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ୧୦ ପ୍ରତିଶତ ତଦାରଖ କାର୍ଯ୍ୟ ଦରକୁ ମିଶାଇ ୪ କୋଟି ୬୯ ଲକ୍ଷ ୫୩ ହଜାର ୬୧୧ ଟଙ୍କାରେ ୨୦୧୬ ଫେବୃୟାରୀରୁ କାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ମହାନଦୀ କାଠଯୋଡି ସିଷ୍ଟମର ଚିଫ୍ ଇଞ୍ଜିନିୟର ଏବଂ ବେସିନ ମ୍ୟାନେଜରଙ୍କ ୬।୩।୨୦୨୩ର ରିପୋର୍ଟ ଆଧାରରେ ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟ ୩୧।୩।୨୦୧୮ରୁ ଶେଷ ହୋଇଛି। ଉକ୍ତ ରିପୋର୍ଟରେ ପ୍ରକଳ୍ପର ନିର୍ମାଣ ସମେତ ଅନ୍ୟାନ୍ୟ ବାବଦକୁ ୫ କୋଟି ୩ ଲକ୍ଷ ୧୩ ହଜାର ୮୩ ଟଙ୍କା ଖର୍ଚ୍ଚ କରାଯାଇଛି। ଏହି କ୍ରମରେ ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗରୁ ଏଯାଏ ୪ କୋଟି ୪୫ ଲକ୍ଷ ୧୨ ହଜାର ଟଙ୍କା ଗ୍ରହଣ କରାଯାଇଥିବାବେଳେ ୫୮ ଲକ୍ଷ ୧ ହଜାର ୮୩ ଟଙ୍କା ବାକି ରହିଛି। ତେଣୁ ବାକି ଟଙ୍କା ପ୍ରଦାନ କରିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ଇଞ୍ଜିନିୟର-ଇନ୍-ଚିଫ୍ ଭକ୍ତ ରଞ୍ଜନ ମହାନ୍ତି ଜଳ ସମ୍ପଦ ବିଭାଗର ଅତିରିକ୍ତ ସଚିବଙ୍କୁ ଅନୁରୋଧ କରିଛନ୍ତି। ତେବେ ପ୍ରକଳ୍ପ କାର୍ଯ୍ୟକୁ ଦେଖିଲେ ବାସ୍ତବରେ କେତୋଟି ଛୋଟ ଛୋଟ ଘର ନିର୍ମାଣ କରି ଏହି ପ୍ରକଳ୍ପ କାର୍ଯ୍ୟ ସୀମିତ ରହିଛି। ବରାହ ପୀଠର ପର୍ଯ୍ୟଟନର ବିକାଶ ପାଇଁ ଆସିଥିବା ଏହି ଅନୁଦାନରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ କରାଯାଇଛି। ତେବେ ଏନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଥିଲେ ହେଁ କୌଣସି ଏକ ଅଦୃଶ୍ୟ ଶକ୍ତିର ସହାୟତା ବଳରେ କୌଣସି ଫରକ ପଡୁନାହିଁ। ତେଣୁ ଏହି ପ୍ରକଳ୍ପ ପାଇଁ ଆବଣ୍ଟିତ ପ୍ରାୟ ୨ କୋଟି ଟଙ୍କା ଚଳୁ ହୋଇପାରେ ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଜିଲା ପର୍ଯ୍ୟଟନ ଅଧିକାରୀ ହିମାଳୟ ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଜିଲାର ପ୍ରାୟ ପର୍ଯ୍ୟଟନର ବିକାଶ କାର୍ଯ୍ୟ ଚାଲିଛି। ବରାହ ପୀଠ କାର୍ଯ୍ୟ ମଧ ଶେଷ ହୋଇ ନାହିଁ। ତେଣୁ କେଉଁ ପ୍ରକଳ୍ପ କେତେ ପରିମାଣର ସରିଛି, ତାହାର ରେକର୍ଡ ଦେଖିଲା ପରେ କହି ହେବ। ପ୍ରକଳ୍ପ କାମରେ କୌଣସି ଅନିୟମିତତା ହୋଇନାହିଁ।

### ସରକାରୀ ଜମିରେ ଗୃହ ନିର୍ମାଣକୁ ବିରୋଧ

ସିଂହପୁର,୨୮।୩(ଡି.ଏନ.ଏ.):

ବିଞ୍ଝାରପୁର ଥାନା ତଥା ବରୀ ବ୍ଲକ ଅନ୍ତର୍ଗତ ମଧୁସୁଦନପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ସରକାରୀ ଜମିରେ ଜଣେ ବ୍ୟକ୍ତି ଜୋର ଜବରଦସ୍ତ ଗୃହ ନିର୍ମାଣ କରୁଛନ୍ତି। ଏହାକୁ ଗ୍ରାମବାସୀ ବିରୋଧ କଲେ ମଧ ସେ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ସୁନ୍ଦରପୁର ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ନ ଥିବାବେଳେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟ କରିବାକୁ ଏହି ସ୍ଥାନ ଚିହ୍ନଟ କରାଯାଇଛି। ଅଥଚ ସମ୍ପୃକ୍ତ ବ୍ୟକ୍ତି ବେଆଇନ ଭାବେ ଗୃହ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏହି ସ୍ଥାନରେ ଗତ ୧୩ ତାରିଖରୁ ୧୪୪ ଧାରା ଜାରି ହୋଇଛି। ହେଲେ ଏହାକୁ ସମ୍ପୃକ୍ତ ବ୍ୟକ୍ତି ଫାଙ୍କି କାର୍ଯ୍ୟ କରୁଛନ୍ତି। ତାଙ୍କୁ ଗ୍ରାମବାସୀ ବିରୋଧ କରିବାରୁ ଜାତିଆଣ କେଶରେ ଫସାଇଦେବାକୁ ଧମକ ଦେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ମଧୁସୁଦନପୁର ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଅବଗତ କରାଇଥିଲେ ମଧ କିଛି ସୁଫଳ ନ ମିଳିବାରୁ ଶେଷରେ ବାଧ ହୋଇ ଗ୍ରାମବାସୀ କଟକ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଯାଜପୁର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ବରୀ ତହସିଲଦାର ଓ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯାଗ କରିଛନ୍ତି। ତୁରନ୍ତ କାର୍ଯ୍ୟ ବନ୍ଦ ନ ହେଲେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବାଲିରେ ପୋତିହେଲାଣି ଜୋକଡ଼ିଆ ପୋଲ



ପୋଲ ଉପରେ ବାଲି ଜମି ରହିଛି।

ରସୁଲପୁର,୨୮।୩(ଡି.ଏନ.ଏ.):

- ଯାତାୟାତରେ ସମସ୍ୟା
- ତୁରନ୍ତ ମରାମତି ଦାବି

ରସୁଲପୁର ବ୍ଲକ ଅନ୍ତର୍ଗତ ଖରସ୍ରୋତା ନଦୀର ଶ୍ରୀବନ୍ତପୁର ପଞ୍ଚାୟତ ନିକଟସ୍ଥ ଜୋକଡ଼ିଆ ବିଜୁ ସେତୁ ବାଲିରେ ପୋତିହୋଇଗଲାଣି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେଣୁ ଉକ୍ତ ପୋଲରୁ ତୁରନ୍ତ ବାଲି ହଟାଇବା ସହ ଏହାକୁ ମରାମତି କରି ଗମନାଗମନକୁ ସୁଗମ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଲୋକେ ଦାବି କରିଛନ୍ତି।

ରସୁଲପୁର ବ୍ଲକ ଅଞ୍ଚଳ ସହ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ବ୍ୟାସନଗର ପୌରପିଷଦ ଅଞ୍ଚଳକୁ ଯୋଗାଯୋଗ କରିବା ପାଇଁ ଖରସ୍ରୋତା ନଦୀ ଉପରେ ଯାଜପୁର ରୋଡ ପୂର୍ତ୍ତ ବିଭାଗ ପକ୍ଷରୁ ବିଜୁ ସେତୁ ନିର୍ମାଣ କରାଯାଇଛି। ୧୫ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପୋଲଟିର ଛାତ ଓ ବାଡ଼ ଦୁର୍ବଳ ହୋଇଗଲାଣି। ଛାତ ଉପରୁ ପିଚୁ ଉଠିଯାଇ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଯାଇଛି। ପୋଲ ଉପରେ ବାଲି, ମାଟିର ଆସ୍ତର ଜମି ରହିଛି। ବର୍ଷା ଜଳ ପୋଲ ତଳକୁ ନିଷ୍କାସନ ହୋଇପାରୁ ନାହିଁ। ଏହି ପୋଲ ଦେଇ ଦୈନିକ ପ୍ରାୟତଃ ୧୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଯତାୟାତ କରୁଛନ୍ତି। କଳିଙ୍ଗନଗର ଶିଳ୍ପାଞ୍ଚଳରେ କାମ କରିବାକୁ ଦୈନିକ ଶତାଧିକ ଯୁବକ ଯାତାୟାତ କରୁଛନ୍ତି। ଚାଷୀ ଓ ବ୍ୟବସାୟୀ ଯାଜପୁରରୋଡ୍ ବଜାରକୁ ଯାଉଛନ୍ତି। ସମସ୍ତଙ୍କ ଯାତାୟାତ ପାଇଁ ଏହି ପୋଲ ଏକମାତ୍ର ମାଧ୍ୟମ ସାଜିଛି। ହେଲେ ଏହାର ରକ୍ଷଣାବେକ୍ଷଣ ପ୍ରତି ଧ୍ୟାନ ଦିଆଯାଉ ନ ଥିବାରୁ ପୋଲ କ୍ରମଶଃ ଦୁର୍ବଳ ହୋଇଯାଉଛି। ବାଲି, ପାଣିରେ ଗାଡ଼ି ଚଳାଚଳ କରିବା ସମୟରେ ବାଇକ ଓ ସାଇକେଲ ଆରୋହୀଙ୍କ ପାଇଁ ବିଶେଷ ସମସ୍ୟା ସୃଷ୍ଟି ହେଉଛି। ୪ ଚକିଆ ଯାନ ଯାତାୟାତ ସମୟରେ ବାଇକ୍ ଓ ସାଇକେଲ ଚାଳକ ପାଣି, କାଦୁଅ ଛିଟାରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି।

### ଦିଲ୍ଲୀ ପବ୍ଲିକ ସ୍କୁଲ ଉଦ୍‌ଘାଟିତ

ସିଂହପୁର,୨୮।୩(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବାଛୋଳରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଅନ୍ତର୍ଜାତୀୟ ଦିଲ୍ଲୀ ପବ୍ଲିକ ସ୍କୁଲ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲିକ, ମୁଖ୍ୟ ବକ୍ତା ପ୍ରଫେସର କୁମରବର ଦାସ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପଞ୍ଚାୟତ ସମିତି ଅଧକ୍ଷ ରଞ୍ଜିତା ଦାସ, ସରପଞ୍ଚ କଳ୍ପନା ବେହେରା, ସମ୍ପାଦିକା ସୁନିତା ସାହୁ, ସ୍କୁଲ୍ ଟ୍ରଷ୍ଟି ବାସନ୍ତି ସାହୁ ପ୍ରମୁଖ ଯୋଗଦେଇ ସ୍କୁଲ୍‌କୁ ଉଦ୍‌ଘାଟନ କରିବା ସହ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସଭାପତି ନିରଞ୍ଜନ ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ଅଧକ୍ଷା ଗାର୍ଗି ଭଟ୍ଟାଚାର୍ଯ୍ୟ ବିଦ୍ୟାଳୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ସିଇଓ ସଦାଶିବ ପୃଷ୍ଟି ଉପସ୍ଥିତ ଥିଲେ। ମଙ୍ଗଳପୁର ମା' ଯଶୋଦା କଳା ପରିଷଦର ଗୁରୁ ଦିନେଶ ମଲିକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଇଶ୍ରୀ ପୃଷ୍ଟି, ବିଜୟିନୀ ଦାସ, ଜଗଦୀଶ ମଲିକ ଓ ଅଭିଲିପ୍ସା ରଣା ନୃତ୍ୟ ପରିବେଷଣ କରିଥିଲେ।

### ବଡ଼ଚଣାରେ ଖୋଲିବ ଆଉ ୮ ପାକ୍ସ

ଚଣ୍ଡିଖୋଲ,୨୮।୩(ଡି.ଏନ.ଏ.):

- ସମିତି ସଭ୍ୟ ଗଠନ କଲେଣି ନୂତନ କମିଟି
- ପ୍ରତ୍ୟେକ କଥା ସାର୍ବଜନୀନ ପାଇଁ ଜିଲାପାଳଙ୍କୁ ଦାବିପତ୍ର

ବଡ଼ଚଣା ବ୍ଲକ ଅଧୀନରେ ୧୪ ପାକ୍ସ (ପ୍ରାଥମିକ କୃଷି ସମବାୟ ସମିତି) କାର୍ଯ୍ୟ କରୁଛି। ତେବେ ଜନ ସଂଖ୍ୟା ବୃଦ୍ଧି ପରେ ଏବେ ପଞ୍ଚାୟତ ସଂଖ୍ୟା ବୃଦ୍ଧି ପାଇ ୪୩ରେ ପହଞ୍ଚି ସାରିଲାଣି। ସେଥିପାଇଁ ରାଜ୍ୟରେ ୧୩୦୦ ପାକ୍ସ ବୃଦ୍ଧି ପାଇବ। ସେଥିମଧ୍ୟରୁ ବଡ଼ଚଣା ବ୍ଲକରେ ଆଉ ୮ଟି ପାକ୍ସ କାର୍ଯ୍ୟାଳୟ ଖୋଲିବ। ଫଳରେ ବ୍ଲକ୍‌ରେ ପାକ୍ସ ସଂଖ୍ୟା ୨୨ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଫେବୃୟାରୀ ୪ରେ ପତ୍ର ସଂଖ୍ୟା ୨୪୬୬ରେ ରାଜ୍ୟ ସମବାୟ ସମିତି ରେଜିଷ୍ଟ୍ରାର ସମବାୟ ବିଭାର ଅତିରିକ୍ତ ସଚିବଙ୍କୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ ରହିଛି।

ଏଥିରେ ଉକ୍ତ ବ୍ଲକ ଭରତପୁର, ଚରିନଙ୍ଗଳ, ଛତିଆ, ସାଉଡ଼ିଆ, ବଡ଼ଚଣା, ଦର୍ପଣ, ବୈରୀ ଓ ସମିଆ ପାକ୍ସକୁ ଭାଗ କରାଯାଇ ନୂତନ ୮ ପାକ୍ସ ସୃଷ୍ଟି କରାଯିବ। ଏ ବିଷୟରେ ଘୋଷଣା ହେବା ପରଠାରୁ ଏହାକୁ ସାର୍ବଜନୀନ କରାଯାଇ ନାହିଁ। ତେଣୁ କିଛି ସମବାୟ ସମିତି ସଭ୍ୟ ଏ ନେଇ ନୂତନ କମିଟି ଗଠନ ପ୍ରକ୍ରିୟା ଆରମ୍ଭ କରି ସାରିଲେଣି।

ନିୟମ ଅନୁସାରେ ଏହି ପାକ୍ସରେ ସର୍ବ ନିମ୍ନ ୫୧ ସଦସ୍ୟ ରହିବେ। ପାକ୍ସ ନାମରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲାଯିବ। ଆକାଉଣ୍ଟରେ ସର୍ବନିମ୍ନ ୫ ହଜାର ଟଙ୍କା ରଖାଯିବ। ପ୍ରତ୍ୟେକ ଚାଷୀ ଓ ଭାଗ ଚାଷୀଙ୍କୁ ଏହାର ସଦସ୍ୟ କରାଯିବ। ଏକ ବୈଠକ ମାଧ୍ୟମରେ ଏହାର ସଦସ୍ୟ ଓ କର୍ମକର୍ତ୍ତା ନିର୍ବାଚନ କରାଯିବ। ଏହି ସବୁ ନିୟମ ରହିଥିବାବେଳେ ଏହାକୁ ଅଣଦେଖା କରି କେତେକ ସ୍ଥାନରେ ଶାସକ ଦଳର କେତେଜଣ କର୍ମୀ ଚଞ୍ଚକତା କରି ବିଭାଗୀୟ ଅଧିକାରୀଙ୍କୁ ହାତ କରି ବୋର୍ଡ ଗଠନ କରିଛନ୍ତି। ଭାଜପା ନେତା ଅମର ନାୟକ ବୋର୍ଡ ଗଠନରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରିଛନ୍ତି। ଏନେଇ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏହି ନୂତନ ପାକ୍ସ ଗଠନରେ କୌଣସି ସୂଚନା ଦିଆଯାଇନାହିଁ। ଚାଷୀ ଓ ଭାଗଚାଷୀଙ୍କ ବୈଠକ ନ କରାଯାଇ ବେଆଇନ ଭାବେ ବୋର୍ଡ ଗଠନ କରାଯାଉଥିବା ମଙ୍ଗଳବାର ଉକ୍ତ ବ୍ଲକ କାଇମାଟିଆ ପଞ୍ଚାୟତର ବହୁ ଚାଷୀ ଯାଜପୁର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରତ୍ୟେକ କଥା ସାର୍ବଜନୀନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ଢଳେଇ ଉପରେ ଢଳେଇ ନିର୍ମାଣ

ଧର୍ମଶାଳା,୨୮।୩(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଯାଜପୁର-୨ ଜାରକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୩ କୋଟି ୮୮ଲକ୍ଷ ୩୬ ହଜାର ଟଙ୍କା ବ୍ୟୟ ଅଟକଳରେ ପାଟପୁର ରାସ୍ତାର ଗାନ୍ଧୀ ଛକଠାରୁ ଭାୟା ନୂଆପଡ଼ା, କଣ୍ଟାବଣିଆ ଓ ହରଦେଇପୁର ଗାଁରେ କଂକ୍ରିଟ୍ ରାସ୍ତା ନିର୍ମାଣ ହେଉଛି। ମାତ୍ର ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତା ହେଉଥିବା ଅଭିଯୋଗ ହୋଇଛି। ଗାଁର ପୁରୁଣା ଢଳେଇ ରାସ୍ତା ଉପରେ ପୁଣି ଢଳେଇ ହେଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି।

**ଏମିତି ଚାଲିଛି ରାସ୍ତା କାମ**

ନିୟମାନୁସାରେ, ପୁରୁଣା କଂକ୍ରିଟ୍ ରାସ୍ତାକୁ ଖୋଳାଯାଇ ରାସ୍ତାରେ ବାଲି ପକାଇ ସମତୁଲ କରାଯିବ। ଏହାପରେ ଢଳେଇ ରାସ୍ତା ନିର୍ମାଣ ହେବ। ହେଲେ ଠିକାଦାର ନିଜ ଇଚ୍ଛା ଅନୁସାରେ କାମ କରୁଥିବା ଦେଖିବାକୁ ମିଛି। ଉକ୍ତ କାର୍ଯ୍ୟରେ ଶସ୍ତା ସିମେଣ୍ଟ ଓ ଚିପ୍ସ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି। ଏବେ ଖରାଦିନ ହୋଇଥିବାରୁ ରାସ୍ତାରେ ଅତି କମ୍‌ରେ ୭ ଦିନ ପାଣି ଦିଆଯିବା କଥା। ହେଲେ ଉକ୍ତ ରାସ୍ତାରେ ଆବଶ୍ୟକ ପାଣି ଦିଆଯାଉନାହିଁ। ପ୍ରକଳ୍ପ ସମ୍ପର୍କରେ ସୂଚନା ଫଳକ ଲଗାଯାଇନାହିଁ। କାମ ସମୟରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହିବା ସହିତ ସହକାରୀ ଯନ୍ତ୍ରୀ କାମ ତଦାରଖ କରିବା କଥା। ହେଲେ କାମ ସମୟରେ ଯନ୍ତ୍ରୀଙ୍କ ଦେଖାମିଳୁନି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଗତ ଡିସେମ୍ବର ୨୪ରେ ଉକ୍ତ ରାସ୍ତାର ଶିଳାନ୍ୟାସ କରିଥିଲେ। ତେଣୁ ଏଥିପ୍ରତି ମନ୍ତ୍ରୀ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ରାସ୍ତା କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ନିମ୍ନମାନର କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି।

# ଚାଷୀ ଋଣ ପ୍ରଦାନରେ ଅନିୟମିତତା

ରସୁଲପୁର,୨୮।୩(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ରେ ଚାଷୀଙ୍କୁ ଋଣ ପ୍ରଦାନରେ ଅନିୟମିତତା ହୋଇଥିବା ସମିତି ସଦସ୍ୟ ଅଭିଯୋଗ କରିଛନ୍ତି। ଚାଷୀ ଋଣ ପାଇଁ ଆବେଦନ କରି ନ ଥାଇ ଓ ସେମାନଙ୍କ ନାମରେ ଚାର୍ଜକ୍ରିଏଶନ ହୋଇ ନ ଥାଇ ୭୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ କରାଯାଇଛି। ପାକ୍ସ ସମ୍ପାଦକ, ସହସମ୍ପାଦକ ଓ ବ୍ୟାଙ୍କ ମ୍ୟାନେଜରଙ୍କ ଭିତ୍ତିରି ବୁଝାମଣାରେ ଏଭଳି କରାଯାଉଛି ବୋଲି ଅଭିଯୋଗ ହେଉଛି।

କଟକ କେନ୍ଦ୍ର ସମବାୟ ବ୍ୟାଙ୍କର କୁଆଖିଆ ଶାଖା ପରିଚାଳକ କେଦାରନାଥ ଦାଶ ଚାକିରିରୁ ଅବସର ନେବାକୁ ଆଉ ୩ଦିନ ବାକିଥିବାରୁ ସେ ବେଆଇନଭାବେ ଚାଷୀଙ୍କୁ ଋଣ ପ୍ରଦାନ କରିଛନ୍ତି। ଋଣ ପ୍ରଦାନ ପାଇଁ ପାକ୍ସରୁ ସୁପାରିସ ହୋଇଥିବା ଚାଷୀଙ୍କ ନାମ ଓ ସେ ଦିଗରେ ଉଦ୍ଦିଷ୍ଟ କାଗଜପତ୍ରକୁ ଯାଞ୍ଚ କରା ନ ଯାଇ ଋଣ ପ୍ରଦାନ କରାଯାଇଛି। ଏ ଦିଗରେ ଶାଖା ପରିଚାଳକ ଦାଶଙ୍କ ଭୂମିକା ସନ୍ଦେହଘେରରେ ରହିଛି। ଏହି ଜରିଆରେ ଲକ୍ଷାଧିକ ଟଙ୍କା ହଡ଼ପ କରିବାକୁ ମସୁଧା କରାଯାଉଛି। ତେଣୁ ଏହାର ତଦନ୍ତ କରାଯାଇ ଶାଖା ପରିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାକ୍ସ ସଦସ୍ୟ ପଦ୍ମନାଭ ବାଭି, ରାମନାରାୟଣ ରଥ, ରଶ୍ମିରଞ୍ଜନ ରଥ ପ୍ରମୁଖ କଟକ ସମବାୟ ବ୍ୟାଙ୍କ ସମ୍ପାଦକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିସହିତ ସଦସ୍ୟମାନେ ଏ ନେଇ ଯାଜପୁର ସହକାରୀ ସମବାୟ ନିବନ୍ଧକ, କଟକ ଡିଆରସିଏସ ଡିଭିଜନର ଅବଗତି ଓ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜଣାଇଛନ୍ତି।

ସୂଚନା ଅନୁସାରେ, ରସୁଲପୁର ବ୍ଲକ ଅଧୀନରେ ୧୧ ପାକ୍ସ ରହିଛି। ବିଭିନ୍ନ ପାକ୍ସରେ ଚାଷୀଙ୍କୁ ଋଣ ପ୍ରଦାନ କରାଯାଉଛି। ଗୋଟିଏ କୃଷି ବର୍ଷରେ ଚାଷୀଙ୍କୁ ୨ଟି ଋତୁରେ ଋଣ ପ୍ରଦାନ କରାଯାଉଛି। ଖରିଫ ଋତୁରେ ଧାନ, ଆଖୁ, ପନିପରିବା ଚାଷ ପାଇଁ, ରବି ଋତୁରେ ପନିପରିବା, ବାଦାମ, ମକା, ଡାଲି ଜାତୀୟ ଫସଲ ପାଇଁ ଋଣ ପ୍ରଦାନ କରାଯାଇଥାଏ। ବିଭିନ୍ନ କିସମର ଚାଷ ପାଇଁ ଋଣ ପରିମାଣ କମ୍ ବେଶୀ ହୋଇଥାଏ। ଯେପରିକି ଧାନଚାଷ ଏକର ପିଛା ୨୦ ହଜାର, ପନିପରିବା ଚାଷ ପାଇଁ ୩୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇ ଥାଏ। ଜଣେ ଚାଷୀ ଋଣ ପାଇବାକୁ ହେଲେ ପାକ୍ସକୁ ଆବେଦନ କରିବାକୁ ପଡିଥାଏ। ଉକ୍ତ ଆବେଦନ ଫର୍ମକୁ ନେଇ କେଲିମିଟି କରାଯାଏ। କେଲିମିଟି କରାଯାଇଥିବା ଚାଷୀଙ୍କ କାଗଜପତ୍ର ଓ ଜମିର ପରିମାଣ ସହ ଋଣ ପାଇଁ ଚାଷୀର ଦାବିକୁ ନେଇ ବୋର୍ଡରେ ଆଲୋଚାନା ହୋଇଥାଏ। ବୋର୍ଡରୁ ଅନୁମୋଦନ ପରେ ଚାଷୀଙ୍କ ନାମରେ ଚାର୍ଜ କ୍ରିଏସନ ପାଇଁ ତାଲିକା ପଠା ଯାଇଥାଏ। ଚାର୍ଜ କ୍ରିଏସନ ପରେ ପାକ୍ସରୁ ଋଣ ମଞ୍ଜୁର ପାଇଁ ଚାଷୀଙ୍କ ତାଲିକାକୁ ବ୍ୟାଙ୍କକୁ ପଠା ଯାଇଥାଏ। ସେହି ଅନୁସାରେ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ କରାଯାଇଥାଏ। ଏହି ପାକ୍ସରେ ଚାଷୀ ସତ୍ୟାନନ୍ଦ ଦାଶ, ସଚ୍ଚିଦାନନ୍ଦ ଦାଶ, ସମରେନ୍ଦ୍ର ଦାଶଙ୍କ ନାମରେ ୧୬ ଡିସେମ୍ବର ୨୦୨୨ରେ ଚାଷୀ ପିଛା ୩,୭୬,୦୦୦ଟଙ୍କା ହାରରେ ମୋଟ ୧୧ ଲକ୍ଷ ୨୫ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସେହିପରି ୧୫ ମାର୍ଚ୍ଚ ୨୦୨୩ରେ ପାକ୍ସ ସମ୍ପାଦକ ପ୍ରଭାତ ଦାଶ ଓ ସହସମ୍ପାଦକ ନିର୍ମଳ ଚନ୍ଦ୍ର ପଣ୍ଡାଙ୍କ ନାମରେ ୨,୭୦,୦୦୦ଟଙ୍କା ଲେଖାଏ ମୋଟ ୫ ଲକ୍ଷ ୪୦ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଛି। ସମ୍ପୃକ୍ତ ଚାଷୀଙ୍କୁ ଋଣ ପ୍ରଦାନରେ ନିୟମକୁ ଉଲ୍ଲଙ୍ଘନ କରାଯାଇଛି ବୋଲି ଅଭିଯୋଗକାରୀ କହିଛନ୍ତି।

**ମୁଗୁପାଳ ପ୍ରାଥମିକ କୃଷି ସମବାୟ ସମିତି**

- ବିନା ଚାର୍ଜ କ୍ରିୟସନରେ ୭୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ

ଏ ସମ୍ପର୍କରେ କଟକ ସମବାୟ ବ୍ୟାଙ୍କ, କୁଆଖିଆ ଶାଖା ପରିଚାଳକ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ଅଧିକାଂଶ ଚାଷୀଙ୍କ ନାମରେ କୃଷି ଋଣକୁ ଆଡଜଷ୍ଟ କରାଯାଉଛି। ଅଭିଯୋଗ ହୋଇଥିବା ଚାଷୀଙ୍କ ନାମରେ ଚାର୍ଜ କ୍ରିଏଶନ ହୋଇଛି କି ନାହିଁ ସେ ଜାଣି ନାହାନ୍ତି। ପାକ୍ସ ସମ୍ପାଦକ ଜାଣିଥିବେ ବୋଲି ମତ ରଖିଥିଲେ। ତେବେ ଋଣ ପ୍ରଦାନ ସମୟରେ ବ୍ୟାଙ୍କରେ ଚାଷୀଙ୍କ କାଗଜାଦ୍ ଯାଞ୍ଚ କରାଯାଏ ନାହିଁ କି ବୋଲି ପଚାରିବାରୁ ଚାର୍ଜ କ୍ରିଏଶନ ହୋଇଥିବ ବୋଧେ କହିବା ସହ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ।

## ସଂକ୍ଷେପରେ

### ବର୍ଷା: ଜମିରେ ପନିପରିବା, ମୁଗ, ଧାନ ଫସଲ ନଷ୍ଟ

ରାଜକନିକା,୨୮।୩ (ଡି.ଏନ.ଏ.): ରାଜକନିକା ବ୍ଲକର ଅବଦୁଲପୁର, ଚରପଡା, ପଧାନପଡା, ସିହୋପଡା, ହାଟସାହି, ନମତରା, ଦେଉଳତରା, ପାରିନୂଆପଡା, ହାବୁଲଗଣ୍ଡ, ଓଲାଭର, ବାରାହା ଦେମଣ୍ଡା,ପଧାନପଡ଼ା, ବରୁଣା, ବରୁଣାଡିହା , ପଣସଗଣ୍ଡ ପଞ୍ଚାୟତର ଶହଶହ ଏକର ଚାଷ ଜମି ଅଦିନିଆ ବର୍ଷାରେ ଧାନ, ମୁଗ ଓ ପନିପରିବା ଫସଲ ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡିଛି। ପନିପରିବା ମଧ୍ୟରେ ବାଇଗଣ, ଲଙ୍କା, ଝୁଡଙ୍ଗ, ଲାଉ, ବୋଇତାଳୁ ନଷ୍ଟ ହୋଇଯାଇଛି। ଆଗାମୀ ଦିନେ ଚାଷୀମାନେ ପରିବାର ପ୍ରତିପୋଷଣ କିପରି କରିବେ, ପିଲାମାନଙ୍କୁ ପାଠ ପଢାଇବେ ସେହି ଚିନ୍ତା ଏବେ ସେମାନଙ୍କୁ ଘାରିଛି। ତେବେ ପ୍ରତିବର୍ଷ ବର୍ଷା ନ ହେଲେ, ସାମୁଦ୍ରିକ ଝଡ଼ତୋଫାନ ପ୍ରତିବର୍ଷ ଲାଗି ରହୁଛି। ସେହିପରି ଚାଷୀଙ୍କୁ ମଙ୍ଗଳବାର ପର୍ଯ୍ୟନ୍ତ କ୍ଷତିପୂରଣ ମିଳୁନାହିଁ। ବାରମ୍ବାର ତହସିଲଦାରଙ୍କୁ ଜଣାଇଲେ ମଧ କିଛି ପ୍ରତିକାର ହେଉନାହିଁ। ତେଣୁ ପନିପରିବା ଦରଦାମ ବଢୁଛି । ଫଳରେ ହାଣ୍ଡିଶାଳ ଉପରେ ଚଡକ ପଡିଛି। ଚାଷୀଙ୍କ ପକ୍ଷରୁ ଏକ ଗଣ ଆନ୍ଦୋଳନ କରାଯିବ ବୋଲି କନିକା ପ୍ରଶାସନକୁ ଚେତାବନୀ ଦିଆଯାଇଛି।

### ଛେଳି ସହ ଯୌନକ୍ରିୟା, ଯୁବକ ଗିରଫ

ଡେରାବିଶ, ୨୮। ୩ (ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ଅଞ୍ଚଳରେ ଗୁହାଳରେ ପଶି ଜଣେ ଯୁବକ ଛେଳିକୁ ଯୌନ ନିର୍ଯାତନା ଦେଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ରାତିରେ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୋଗକାରିଣୀ ହେଲେ ତିଲଙ୍ଗ ଗାଁର ନନ୍ଦ କିଶୋର ପ୍ରଧାନଙ୍କ ଝିଅ କବିତା।

ପୋଲିସ ସୂଚନା ଅନୁଯାୟୀ, କବିତା ଜଣେ ଭିନ୍ନକ୍ଷମ ମହିଳା ଅଟନ୍ତି। ନିଜେ ରୋଜଗାରକ୍ଷମ ହେବା ପାଇଁ ସେ କେତେଗୋଟି ଛେଳି ପାଳନ କରୁଛନ୍ତି। ତେବେ ରବିବାର ବିଳମ୍ବିତ ରାତିରେ ଗୁହାଳରେ ଥିବା ଛେଳିଙ୍କର ଚିତ୍କାର ଶୁଣିବାକୁ ମିଳିଥିଲା। କବିତା ଓ ତାଙ୍କ ଭାଇମାନେ ଆସି ଦେଖନ୍ତି ଗୁହାଳ ଭିତରୁ ତିଲଙ୍ଗ ଗ୍ରାମର ଉମାଶଙ୍କର ନାୟକ ବାହାରକୁ ଦୌଡ଼ି ପଳାଇ ଯାଉଥିଲେ। ପରେ ଗୁହାଳ ଭିତରକୁ ଯାଇ ଦେଖିବାରୁ ଏକ ଛେଳିର ଯୌନାଙ୍ଗରୁ ରକ୍ତ ବାହାରୁଛି। ଛେଳିଟି ଯନ୍ତ୍ରଣାରେ ଛଟପଟ ହେଉଥିଲା। ଏ ବିଷୟରେ ଉମାଶଙ୍କରଙ୍କୁ ପଚାରିବାରୁ ସେ କବିତାଙ୍କ ସମେତ ତାଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏପରିକି ସେ ଗୁହାଳଟିକୁ ଜାଳି ଦେବାକୁ ଧମକ ଦେଇଥିବା କବିତା ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଦଫା ୩୭୭, ୨୯୪. ୫୦୬, ନଂ. ୧୦୨/୨୩ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଉମାଶଙ୍କରଙ୍କୁ ଗିରଫ କରିଛି। ମଙ୍ଗଳବାର ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଛେଳିର ଡାକ୍ତରୀମାଇନା କରିଥିଲେ। ଅପରପକ୍ଷେ ଅଭିଯୁକ୍ତ ଉମାଶଙ୍କରଙ୍କର ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ନାରାୟଣ ମହାରଣା ସୂଚନା ଦେଇଛନ୍ତି।

# ଓଲକଣା ମେଲଣ ପଡ଼ିଆରୁ ଅବରୋଧ ହଟାଯିବ

ଡେରାବିଶ, ୨୮।୩ (ସ୍ୱ.ପ୍ର.)



ଜବରଦଖଲ ଉଚ୍ଛେଦ ଦାବିରେ ମେଲଣ ପଡ଼ିଆର ବାସନ୍ତୀ ଦୁର୍ଗା ମଣ୍ଡପରେ ଏକତ୍ରିତ ହୋଇଥିବା ୨ ଜିଲାର ଗ୍ରାମବାସୀ।

କେନ୍ଦ୍ରାପଡ଼ା ଓ କଟକ ଜିଲାର କେନ୍ଦ୍ରସ୍ଥଳରେ ଅବସ୍ଥିତ ପ୍ରସିଦ୍ଧ ଓଲକଣା ମେଲଣ ରାଜ୍ୟର ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି। ବିଧି ଓ ପରମ୍ପରା ଭିତ୍ତିରେ ଅନୁଷ୍ଠିତ ଏହି ମେଲଣଟି କାହିଁ କେଉଁ କାଳରୁ ଅନୁଷ୍ଠିତ ହୋଇଆସୁଛି। ମେଳଣରେ ୧୩୦ରୁ ଊର୍ଦ୍ଧ୍ୱ ବିମାନ ପାରମ୍ପରିକ ରୀତିନୀତି ମଧ୍ୟରେ ଆସିଥାନ୍ତି। ଏହି ମେଲଣ ପାଇଁ ପଡ଼ିଆଟି ସଂରକ୍ଷିତ ରହିଛି। ହେଲେ କିଛିବର୍ଷ ହେବ କେତେଜଣ ବ୍ୟକ୍ତି ଏହି ମେଳଣ ପଡ଼ିଆକୁ ଜବରଦଖଲ କରି ଚାଲିଛନ୍ତି। ଫଳରେ ମେଲଣକୁ ଆସୁଥିବା ବିମାନଗୁଡ଼ିକ ବସିବାରେ ବ୍ୟାଘାତ ସୃଷ୍ଟି ହୋଇଛି। ତେବେ ମେଲଣ ପଡ଼ିଆକୁ ଜବରଦଖଲ ମୁକ୍ତ କରିବାକୁ ଉଭୟ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ତହସିଲ ଅଧୀନରେ ଥିବା ଏଣ୍ଡର ପଞ୍ଚାୟତର ଅରାଖଣ୍ଡ, ପଚିଶମାଣିଆ, ନୀଳକଣ୍ଠପୁର-୨ ଓ ଏଣ୍ଡର ଗ୍ରାମବାସୀଙ୍କ ସମେତ କଟକ ଜିଲା ମାହାଙ୍ଗ ତହସିଲ ଅଧୀନରେ ଥିବା ହଳଦିଆ ପଞ୍ଚାୟତର ଓଲକଣା, ସଏମ୍ ଓ ଲକ୍ଷ୍ମୀନାରାୟଣପୁର ଗ୍ରାମବାସୀ ଇତିମଧ୍ୟରେ ପଡ଼ିଆରେ ଥିବା ବାସନ୍ତୀ ଦୁର୍ଗା ମଣ୍ଡପରେ ଏକାଠି ହୋଇଥିଲେ। ସେମାନେ ଶିକ୍ଷାବିତ୍ ନଟବର ସାମଲଙ୍କ ଅଧ୍ୟକ୍ଷତାରେ ମେଲଣ ପଡ଼ିଆକୁ ଜବରଦଖଲମୁକ୍ତ କରିବାକୁ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଗ୍ରାମଗୁଡ଼ିକର ଶତାଧିକ ବ୍ୟକ୍ତି ଯୋଗଦେଇ ମେଲଣ ପଡ଼ିଆଟି ଉଭୟ ଡେରାବିଶ ଓ ମାହାଙ୍ଗା ତହସିଲ ଅଧୀନରେ ଥିବାବେଳେ ବେଆଇନ ଭାବେ ପଡ଼ିଆଟିକୁ ଜବରଦଖଲ କରିଥିବା କେତେଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଙ୍କ କବଳରୁ ଉଚ୍ଛେଦ କରିବାକୁ କେନ୍ଦ୍ରାପଡ଼ା ଓ କଟକ ଜିଲାର ଜିଲାପାଳ, ଡେରାବିଶ ଓ ମାହାଙ୍ଗା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ପ୍ରଶାସନିକ ସ୍ତରରେ ପଡ଼ିଆର ମାପଚୁପ କରି ସୀମା

## କେନ୍ଦ୍ରାପଡ଼ା, କଟକ ଜିଲାପାଳଙ୍କୁ ଅଭିଯୋଗ

ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲାପାଳ ଓ ଡେରାବିଶ ତହସିଲଦାରଙ୍କ ନିକଟରେ ଏକ ଅଭିଯୋଗପତ୍ର ଦିଆଯାଇଥିବା ଶିକ୍ଷାବିତ୍ ନଟବର କହିଛନ୍ତି। ଏଥିରେ ଓଲକଣା ମେଲଣ ପ୍ରଚାର ପ୍ରସାର କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ସାହୁ, ପୂର୍ବତନ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବଟକୃଷ୍ଣ ସାମଲ, ରାଜକିଶୋର ମଲ୍ଲ, ମକର ଚନ୍ଦ୍ର ପ୍ରଧାନ, କ୍ଷୀରୋଦ ଚନ୍ଦ୍ର ବିହାରୀ, ଏଣ୍ଡର ସରପଞ୍ଚଙ୍କ ପ୍ରତିନିଧି ମହେନ୍ଦ୍ର କୁମାର ମଲିକ ଓ ହଳଦିଆ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଜ୍ଞାନେନ୍ଦ୍ର କୁମାର ସାହୁ ବୈଠକରେ ଉପସ୍ଥିତ ରହିଥିଲେ। ତେବେ ଏଥିପାଇଁ ଏକ ସବ୍‌କମିଟି ଗଠନ କରାଯାଇଥିବା ଶିକ୍ଷାବିତ୍ ନଟବର କହିଛନ୍ତି। ଏ ବିଷୟରେ ଡେରାବିଶ ତହସିଲଦାର ଅକ୍ଷୟ ପରିଡାଙ୍କୁ ପଚାରିବାରେ ଏହି ଅଭିଯୋଗ ପାଇବା ପରେ ଏଣ୍ଡର ଆରଆଇ ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମେଲଣ ପଡ଼ିଆରେ ଯଦି ଜବରଦଖଲ ହୋଇଥାଏ ତେବେ ତୁରନ୍ତ ଉଚ୍ଛେଦ କରାଯିବ ବୋଲି ସେ କହିଛନ୍ତି।

# ମଧ୍ୟାହ୍ନଭୋଜନ ବାକିରେ ଚାଲିଛି

ରାଜନଗର,୨୮।୩(ଡି.ଏନ.ଏ.)

- ୭ମାସ ହେଲା ଅର୍ଥ ମିଳୁନି
- ୭ଦିନ ଭିତରେ ଅର୍ଥ ନ ମିଳିଲେ ଧାରଣା ପାଇଁ ଶିକ୍ଷକଙ୍କ ଚେତାବନୀ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏଁ ବିଦ୍ୟାଳୟରେ ପାଠ ପଢୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ସରକାର ମଧ୍ୟାହ୍ନଭୋଜନ ଯୋଗାଇ ଦେଉଛନ୍ତି। ସରକାର ବିଦ୍ୟାଳୟ ପଏଣ୍ଟରେ ଚାଉଳ ପହଞ୍ଚାଇ ଦେଉଥିବା ବେଳେ ଦାୟିତ୍ୱରେ ଥିବା ଶିକ୍ଷକ ସ୍ଥାନୀୟ ବଜାରରୁ ଅଣ୍ଡା, ଡାଲି, ପରିବା, ଆଳୁ ଓ ଅନ୍ୟ ସାମଗ୍ରୀ କିଣି ରୋଷେଇ କରି ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦେଇଥାନ୍ତି। କେଉଁ ବିଦ୍ୟାଳୟରେ ଯଦି କେଉଁଦିନ ରୋଷେଇ ବନ୍ଦ ଥାଏ, ତେବେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ହୁଏ। ମାତ୍ର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ସରକାର ଏହି ମଧ୍ୟାହ୍ନ ଭୋଜନ ପାଇଁ ମାସେ କି ଦୁଇ ମାସ ନୁହେଁ, ୭ ମାସ ହେଲା ଟଙ୍କା ଯୋଗାଇ ଦେଇନାହାନ୍ତି। ବିଦ୍ୟାଳୟକୁ ପରିବା, ଅଣ୍ଡା ଓ ଅନ୍ୟ ସାମଗ୍ରୀ ଦେଉଥିବା ବ୍ୟବସାୟୀମାନେ ସାମଗ୍ରୀ ଦେବାକୁ ବି ମନା କରି ଦେଲେଣି। ବାରମ୍ବାର ଏ ସମ୍ପର୍କରେ ଶିକ୍ଷକମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାଇବା ପରେ ବି ଟଙ୍କା ପାଇଲେ ନାହିଁ। ଗତ ସେପ୍ଟେମ୍ବର ୨୦୨୨ରୁ ମାର୍ଚ୍ଚ ୨୦୨୩ ଯାଏ ୭ ମାସ ହେଲା ମଧ୍ୟାହ୍ନ ଭୋଜନ ଅର୍ଥ ମିଳିନି। ଶିକ୍ଷକମାନେ ବାକିରେ ମଧ୍ୟାହ୍ନ ଭୋଜନ ଚଳାଉଥିବା ବେଳେ ଟଙ୍କା ନ ଦେଇ ମଧ୍ୟାହ୍ନଭୋଜନ ଅଡିଟ ପାଇଁ ତାରିଖ ନିର୍ଦ୍ଧାରଣ ପରେ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମଙ୍ଗଳବାର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ବିଜୟ କୁମାର ଜେନା, ସୁଶାନ୍ତ କୁମାର ପ୍ରଧାନ, ଦୟାନିଧି ସ୍ୱାଇଁ, ଦାମୋଦର ସ୍ୱାଇଁ, ଚିତ୍ତ ରଞ୍ଜନ ସାହୁ, ପରେଶ କୁମାର ସାହୁ ପ୍ରମୁଖ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ସହ ଶିକ୍ଷକମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଆସନ୍ତା ୭ ଦିନ ଭିତରେ ମଧ୍ୟାହ୍ନ ଭୋଜନ ଅର୍ଥ ନ ମିଳିଲେ ଏପ୍ରିଲ ୩ ତାରିଖ ଦିନ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକମାନେ ଧାରଣାରେ ବସିବେ ବୋଲି ଶିକ୍ଷକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ମତ୍ସ୍ୟ ଚାଷ ପାଇଁ ତାଲିମ ଶିବିର



ମାର୍ଶାଘାଇ, ୨୮।୩(ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ, ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ ଶୁଶ୍ରୀ ସଙ୍ଗୀତା, ବ୍ଲକ ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର ଦାସ, ବ୍ଲକ ଜୀବିକା ମିଶନର ପ୍ରକଳ୍ପ ପରିଚାଳିକା ସଂଜ୍ଞା ସାଗରୀକା ପଣ୍ଡା. ମିଶନଶକ୍ତିର ବିପିସି ବିକାଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସେମାନେ ମହିଳାମାନେ ବୈଜ୍ଞାନିକ ପଦ୍ଧତିରେ ଉନ୍ନତମାନର ମତ୍ସ୍ୟ ଚାଷ କଲେ ସ୍ୱାବଲମ୍ବୀ ହେବା ସହ ଆର୍ଥିକ ସ୍ତରରେ ଲାଭବାନ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ୩୨ ଟି ସ୍ୱୟଂ ସହାୟିକା ଗୋଷ୍ଠୀର ୬୨ ଜଣ ମହିଳା ଅଂଶ ଗ୍ରହଣ କରିଥିଲେ।

# ଆବାସରୁ ବଞ୍ଚିତ ମହିଳାଙ୍କ ଆମରଣ ଅନଶନ

ପଟ୍ଟାମୁଣ୍ଡାଇ,୨୮।୩(ସ୍ୱ.ପ୍ର.)

## ପ୍ରଶାସନର ପ୍ରତିଶ୍ରୁତି ପରେ ଅନଶନ ହଟିଲା



ବଡ଼ପଡ଼ା ପଞ୍ଚାୟତ ଆଗରେ ଉର୍ମିଳା ପାଢୀ ଆମରଣ ଅନଶନରେ ବସିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇ ଜଣେ ମହିଳା ମଙ୍ଗଳବାର ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନ କରିଥିଲେ। ସବୁ ପ୍ରକାର ଯୋଗ୍ୟତା ରଖିଥିବା ଏହି ମହିଳା ଜଣଙ୍କୁ ଜାଣିଶୁଣି ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ସାମିଲ କରାଯାଉନାହିଁ ବୋଲି ଅନଶନକାରୀ ମହିଳା ଉର୍ମିଳା ପାଢ଼ୀ ଅଭିଯୋଗ କରିଛନ୍ତି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ପଡ଼ା ପଞ୍ଚାୟତ କାଠିଆପଡା ଗାଁର ବାସିନ୍ଦା ଉର୍ମିଳା ଅତି ଦୟନୀୟ ଅବସ୍ଥାରେ ଭଙ୍ଗା କୁଡିଆରେ ବିପଦ ସଙ୍କୁଳ ଅବସ୍ଥାରେ ଜୀବନ ବିତାଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଖଣ୍ଡେ ପାଇବାକୁ ଦୀର୍ଘବର୍ଷ ହେବ ଆବେଦନ କରି ଆସୁଥିଲେ ମଧ ତାଙ୍କ ନାମକୁ ଚକ୍ରାନ୍ତ କରି ହିତାଧୀକାରୀ ତାଲିକାରୁ ବାଦ ଦିଆଯାଉଛି ବୋଲି ସେ କହିଛନ୍ତି। ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ଦିଆଯିବା ଘଟଣାକୁ ନେଇ ଉର୍ମିଳା ବହୁବାର ପଟ୍ଟାମୁଣ୍ଡାଇ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମାତ୍ର ତାଙ୍କ ଅଭିଯୋଗ ବ୍ଲକ କର୍ତ୍ତୃପକ୍ଷ ଶୁଣି ନ ଥିଲେ। ବାଧ ହୋଇ ଉର୍ମିଳା ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ସୋମବାରଠାରୁ ଧାରଣାରେ ବସି ଅନଶନ କରିଥିଲେ। ଏପରି କି ଆତ୍ମାହୁତି ଦେବାକୁ ଚେତାବନୀ ମଧ୍ୟ ଦେଇଛନ୍ତି। ଗତକାଲିଠାରୁ ଉର୍ମିଳା ଅନଶନରେ ବସିଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ ଅପରାହ୍ନ ପର୍ଯ୍ୟନ୍ତ କେହି ଅନଶନସ୍ଥଳକୁ ଯାଇ ନ ଥିଲେ। ମଙ୍ଗଳବାର ପୂର୍ବାହ୍ନରେ ଉର୍ମିଳା ଅସୁସ୍ଥ ଅନୁଭବ କରିବା ଦେଖି ସରପଞ୍ଚଙ୍କ ପ୍ରତିନିଧି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟକୁ ଜଣାଇଥିଲେ। ଖବର ପାଇ ମେଡ଼ିକାଲ ଅଫିସର ଡା. ନିରାକାର ପରିଡା ଅନଶନସ୍ଥଳରେ ପହଞ୍ଚି ଉର୍ମିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀଙ୍କୁ ଅବଗତ କରାଇଥିଲେ। ଅପରାହ୍ନ ୨ଟା ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ଅନଶନ ସ୍ଥଳରେ ନ ପହଞ୍ଚିବାରୁ ସାମାଜିକ କର୍ମୀ ପାରେଶ୍ୱର ସେଠୀ କେନ୍ଦ୍ରାପଡ଼ା ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ଜଣାଇଥିଲେ। ପିଡି ପଣ୍ଡାଙ୍କ ନିର୍ଦ୍ଦେଶ ପାଇ ବିଡିଓ ଶୁଭ୍ରାଂଶୁ ସାହୁ, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ ଅନଶନସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ମାତ୍ର ଉର୍ମିଳା ଅନଶନରୁ ଓହରିବାକୁ ରାଜି ହୋଇ ନ ଥିଲେ। ସେ କହିଥିଲେ ଯେ, ଜଣେ ଅସହାୟ ମଣିଷଙ୍କୁ ଅବାସ ଯୋଜନାରେ ଘର ଖଣ୍ଡେ ଦେବାରେ ବିଡିଓବାବୁଙ୍କର କେଉଁ ଅସୁବିଧା ହେଉଥିଲା। କେନ୍ଦ୍ରାପଡ଼ା ଜିଲାରେ ଆବାସ ଯୋଜନାର କେଳଙ୍କରୀ ଦାଣ୍ଡରେ ପଡି ହାଟରେ ଗଡୁଥିବା ବେଳେ ପଟ୍ଟାମୁଣ୍ଡାଇ ବିଡିଓବାବୁ ଏଭଳି କେଉଁ ନିୟମ କାନୁନ୍‌କୁ ଧରି ବସିଥିଲେ। ଜଣେ ଉପଯୁକ୍ତ ହିତାଧିକାରୀ ଦୀର୍ଘବର୍ଷ ଧରି ଆବାସ ଯୋଜନାରୁ ବଞ୍ଚିତ ହେବାକୁ ପଡିଛି। ବ୍ଲକ ପ୍ରଶାସନ ପାଖରୁ ନିରୁପାୟ ହୋଇ ଶେଷରେ ଆମରଣ ଅନଶନରେ ବସିଛି। ମୋତେ ଆବାସ ଯୋଜନାରେ ସାମିଲ କରିବାକୁ ଜିଲାପାଳ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଏହି ଅନଶନରୁ ଉଠିବି ନାହିଁ। ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ବରଂ ଆତ୍ମାହୁତି ଦେବି କିନ୍ତୁ ଘରକୁ ଫେରିବି ନାହିଁ। ଉର୍ମିଳାଙ୍କ ଏଭଳି ଆମରଣ ଅନଶନ ନିଷ୍ପତ୍ତି ପ୍ରଶାସନକୁ ଅଡୁଆ ପରିସ୍ଥିତିରେ ପକାଇ ଦେଇଥିଲା। ଉର୍ମିଳାଙ୍କ ଯିଦ୍ ମୋତେ ଘର ଦିଅ, ନ ହେଲେ ମାରି ଦିଆଯାଉ ଏଭଳି କଲବଲ କରନି। ମାତ୍ର ଏବିଡିଓ ମନ୍ତ୍ରୀ ଉର୍ମିଳାଙ୍କୁ ବହୁ ବୁଝାଶୁଝା କଲା ପରେ ଓଆରଏସ୍ ପାଣି ପିଇବାକୁ ଦେଇଥିଲେ। ପରେ ବିଡିଓ ସାହୁ ଓ ଏବିଡିଓ ମନ୍ତ୍ରୀ ଉର୍ମିଳାଙ୍କ ଘର ସର୍ଭେ କରି ତାଙ୍କୁ ପ୍ରତିଶ୍ରୁତି ଦେବା ପରେ ସେ ଅପରାହ୍ନ ୪ଟାରେ ଅନଶନରୁ ହଟିଥିଲେ। ତେବେ ଗତ ଦୁଇଦିନ ଅନଶନରେ ବସି ଉର୍ମିଳା ଅସୁସ୍ଥ ହେଇ ପଡ଼ିଛନ୍ତି।

## ଶୈଶବ ଶିକ୍ଷା ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନ କରିଥାଏ

### କ୍ଷେତ୍ର ଆଇଡିଆଲ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ରଘୁନାଥପୁର,୨୮।୩(ଡି.ଏନ.ଏ.)

ରଘୁନାଥପୁର ବ୍ଲକ ରେତୁଆ ପଞ୍ଚାୟତ ମୁଣ୍ଡାଳସ୍ଥିତ କ୍ଷେତ୍ର ଆଇଡିଆଲ ପବ୍ଲିକ ସ୍କୁଲର ୧୨ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ତଥା କବି ଅଲେଖ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶୈଶବ ଶିକ୍ଷାକୁ ପ୍ରାଧାନ୍ୟ ଦେଲେ ଏହା ଛାତ୍ରୀଛାତ୍ରଙ୍କ ଚରିତ୍ର ଗଠନରେ ସହାୟକ ହେବ। ସେହିପରି ଶିକ୍ଷାବିତ୍ ସୁଶ୍ରୀ ଗୀତା ରଥ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି କହିଥିଲେ, ଶିକ୍ଷା, ଶିକ୍ଷକ ଓ ଶିକ୍ଷାର୍ଥୀ ଏକ ତ୍ରିଭୁଜ ସଦୃଶ୍ୟ ଓ ପରସ୍ପର ମଧ୍ୟରେ ଚୁମ୍ବକ ଲୁହାକୁ ଆକର୍ଷଣ କଲା ଭଳି ସମ୍ପର୍କ ରହିବା ଜରୁରୀ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠୀ, ଶିକ୍ଷାବିତ୍ ପ୍ରାଣକୃଷ୍ଣ ନାୟକ, ସାମାଜିକ କର୍ମୀ ପ୍ରକାଶ ମଲ୍ଲିକ, ପବ୍ଲିକ ସ୍କୁଲର ସଭାପତି ତଥା ସମିତି ସଭ୍ୟ ବିଶଜିତ ଦାଶ, ପ୍ରିନ୍ସପାଲ ଲକ୍ଷ୍ମୀପ୍ରିୟା ଦାଶ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ସମ୍ପର୍କରେ ଦିଗ୍‌ଦର୍ଶନ ଦେବା ସହ ଶିକ୍ଷକ ଏବଂ ମାତାପିତାଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଶିକ୍ଷା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା କୋମଳମତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲର ଚେୟାରମ୍ୟାନ ରୂପେନ୍ଦ୍ର ମିଶ୍ର ସଭା ସଞ୍ଚାଳନ ଓ ଶିକ୍ଷକ ନନ୍ଦକିଶୋର ରାମ ବାର୍ଷିକ ବିବରଣୀ ପଠନ କରିଥିଲେ। ସଭା ଶେଷ ହେବା ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପିଲାଙ୍କ ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୭ମ

ରାଜନଗର,୨୮।୩(ଡି.ଏନ.ଏ.)

## କାୟାକଳ୍ପ ମୂଲ୍ୟାୟନ

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, କର୍ମଚାରୀଙ୍କ ଦକ୍ଷତାକୁ ଅନୁଶୀଳନ କରି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ଟିମ୍ ପରିଦର୍ଶନ କରି ମୂଲ୍ୟାୟନ କରିବା ପରେ ଏହି ପୁରସ୍କାର ଘୋଷଣା କରାଯାଇଛି। ରାଜ୍ୟରେ ୨୨୪ଟି ସବ୍ ଡିଭିଜନାଲ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି। ସମ୍ବଲପୁର ଜିଲାର ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧ମ ସ୍ଥାନ ଅଧିକାର କରି ୧୫ ଲକ୍ଷ ଟଙ୍କାର ପୁରସ୍କାର ପାଇଥିବା ବେଳେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଏସ୍‌ଡିଏଚ୍ ୨ୟ ସ୍ଥାନ ଅଧିକାର କରି ୧୦ ଲକ୍ଷ ଟଙ୍କାର ପୁରସ୍କାର ପାଇଛି। ୭ମ ସ୍ଥାନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଗତବର୍ଷ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୪ତମ ସ୍ଥାନରେ ରହିଥିଲା। ଏହି ତାଲିକାରେ କେନ୍ଦ୍ରାପଡ଼ା ଜିଲାର ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୬ନଂ. ସ୍ଥାନରେ ଥିବା ବେଳେ ପଟ୍ଟାମୁଣ୍ଡାଇସ୍ଥିତ ସବ୍‌ଡିଭିଜନାଲ ସ୍ୱାସ୍ଥ୍ୟକେନ୍ଦ୍ର ୬୨ତମ ସ୍ଥାନରେ ରହିଛି। ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୭୧ତମ ସ୍ଥାନରେ ଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୬୨ତମ ସ୍ଥାନରେ ଓ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୭୩ତମ ସ୍ଥାନରେ ରହିଛି। ରାଜନଗର ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ, ରୋଗୀ କଲ୍ୟାଣ କମିଟିର ସଦସ୍ୟଙ୍କ ପରାମର୍ଶ ଯୋଗୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀଙ୍କ ଚେଷ୍ଟା ଯୋଗୁ ଏହା ସମ୍ଭବ ହୋଇଛି। ସମସ୍ତଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଂଜନ ମହାନ୍ତି ଧନ୍ୟବାଦ ଦେଇଛନ୍ତି।

# ବିଜେଡି ଯୁବ ଛାତ୍ର ସମାବେଶ




ସମାବେଶରେ ଉପସ୍ଥିତ ନେତୃମଣ୍ଡଳୀ।

ଏରସମା,୨୮।୩(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତସ୍ଥିତ ଶିଆଳି ସମୁଦ୍ର ବେଳାଭୂମିରେ ସୋମବାର ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ବିଜେଡି ଯୁବ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ପାର୍ଥସାରଥି ରାଉତ ସଭାପତିତ୍ୱ କରିଥିଲେ। ଏହି ଅବସରରେ ସାଙ୍ଗଠନିକ ଆଲୋଚନା କରାଯିବା ସହ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଥିଲା। ସଭା ପ୍ରାରମ୍ଭରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭାରେ ବିଜେଡି ଯୁବନେତା ଆଦିତ୍ୟ ନନ୍ଦନ ଦାସ,ଏରସମା ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବାଲିକୁଦା ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ଜିଲା ପରିଷଦ ସଭ୍ୟ ପ୍ରଣବ ସ୍ୱାଇଁ, ରାନୀ ଗୁଡ୍ଡୁ, ପଦ୍ମପୁର ସରପଞ୍ଚ ପ୍ରତିଭାରାଣୀ ପାତ୍ର, ଗୋଡା ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ଏରସମା ବ୍ଲକ ଯୁବ ବିଜେଡି ସଭାପତି ବିଭୂତି ରାୟ, ବାଲିକୁଦା ବ୍ଲକ ଯୁବ ବିଜେଡି ସଭାପତି ଶୁଭେନ୍ଦୁ ଦାସ, କେଶବ ପାତ୍ର,ଏମପିଙ୍କ ପ୍ରତିନିଧି ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରରେ ତ୍ରୁଟି ହେଲେ ‘୧୯୬୭’କୁ କଲ୍ କର

ଜଗତ୍‌ସିଂହପୁର ଅଫିସ, ୨୮।୩



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ସାମଗ୍ରୀ କିଣିଲା ବେଳେ ପ୍ରତ୍ୟେକ ସଚେତନ ରହିବା ଉଚିତ। ସାମଗ୍ରୀର ପରିମାଣ, ଗୁଣାବତ୍ତା ଓ ବୈଧ ସମୟର ଶେଷ ତାରିଖ ଆଦି ପରଖିବା ଦରକାର। ଦେଶରେ ତ୍ରିସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ରହିଛି। ଜିଲା, ରାଜ୍ୟ ଓ ଜାତୀୟସ୍ତରରେ ଉପଭୋକ୍ତା ବିବାଦର ପ୍ରତିକାର ପାଇଁ ଆୟୋଗ କାମ କରୁଛି। ତେଣୁ ଯେଉଁଠି କିଛି ତ୍ରୁଟି ଅନୁଭବ ହେଉଛି ସେ କ୍ଷେତ୍ରରେ ମଞ୍ଚର ସୁଯୋଗ ନେବା ଦରକାର। ଅନ୍ୟପଟେ ପ୍ୟାକେଟ୍‌ରେ ବିକ୍ରି ସାମଗୀ ଉପରେ ସମସ୍ତ ସୂଚନା ରହିବା ଜରୁରୀ। ମୋଟାମୋଟି ଭାବେ ଦୁର୍ନୀତି ହଟାଇବା ପାଇଁ ବିଭିନ୍ନସ୍ତରରେ ଉଦ୍ୟମ ହେଲେ ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ସୂଚନା ଅଧିକାର ଆଇନ ଓ ଉପଭୋକ୍ତା ସୁରକ୍ଷା ଅଧିକାର ଆଇନ ଦୁର୍ନୀତି କମାଇବା କ୍ଷେତ୍ରରେ ବେସ୍ ସହାୟକ ହୋଇପାରୁଛି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ବିଶ୍ୱ ଉପଭୋକ୍ତା ଅଧିକାର ପକ୍ଷ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ମନୋଜ ଭୋଇ ଯୋଗଦେଇ ଖାଉଟିମାନେ ଅବହେଳିତ ହେଉଥିବା କଥା ଉଠାଇ ନିଜର ଅସନ୍ତୋଷବ୍ୟକ୍ତ କରିଥିଲେ। ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ରଗୁଡିକରେ ସାମଗ୍ରୀର ଗୁଣାବତ୍ତା ଏବଂ ଓଜନରେ ତ୍ରୁଟି ଦେଖିଲେ ତୁରନ୍ତ ଟୋଲ ଫ୍ରି ନମ୍ବର ‘୧୯୬୭’କୁ

## ବିଶ୍ୱ ଉପଭୋକ୍ତା ଅଧିକାର ପକ୍ଷ ପାଳିତ

କଲ୍ କରିବାକୁ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ପରାମର୍ଶ ଦେଇଥିଲେ। ଜିଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ପକ୍ଷରୁ ପ୍ରଭାତ କୁମାର ପାଢୀ କହିଥିଲେ, ଚଳିତବର୍ଷ ଏ ସଂକ୍ରାନ୍ତୀୟ ୪୩୩ଟି ମାମଲା ଦାଖଲ ହୋଇଛି। ସେଥିରୁ ବିନା ପଞ୍ଜୀକରଣରେ ଚାଲୁଥିବା ଟ୍ରାକ୍ଟର ଓ ବିଦ୍ୟୁତ୍ ବିଲ୍ ତ୍ରୁଟି ସଂକ୍ରାନ୍ତୀୟ ସର୍ବାଧିକ ମାମଲା ରହିଛି। ଏହି ଅବସରରେ ସେ ଇ-ଫାଇଲିଂ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଅଧ୍ୟକ୍ଷତା କରି ଜଗତ୍‌ସିଂହପୁର ବୈଧ ମାପ ବିଜ୍ଞାନର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା କହିଥିଲେ, ବିଶ୍ୱ ଉପଭୋକ୍ତା ଅଧିକାର ପକ୍ଷର ଚଳିତ ବର୍ଷ ମୁଖ୍ୟ ବିଷୟବସ୍ତୁ ରହିଛି ପରିବେଶ ପ୍ରଦୂଷଣ। ସୌରଚାଳିତ ଶକ୍ତି, ବାୟୁଚାଳିତ, ଜୁଆରଜନିତ ଓ ଜୈବ ଶକ୍ତିକୁ ପ୍ରଦୂଷଣମୁକ୍ତକାରକ ବୋଲି କୁହାଯାଉଛି। କିନ୍ତୁ ଦୁଇ ଓ ଚାରି ଚକିଆ ଯାନରେ ବ୍ୟବହୃତ ପେଟ୍ରୋଲ ଓ ଡିଜେଲ ଆଦି ପ୍ରଦୂଷଣ ମାତ୍ରା ବଢାଉଛି। ଏଥିରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ ଓ କାର୍ବନ ମନୋକ୍ସାଇଡ୍ ଗ୍ୟାସ କ୍ଷତିକାରକ ହେଉଛି। ପେଟ୍ରୋଲ ପମ୍ପରେ ତେଲ କମ୍ ଦିଆଯାଉଥିଲେ ସେଠାରେ ଥିବା ୫ ଲିଟରିଆ ମୋହରମରା ପଳାରେ ମାପିବାକୁ କୁହନ୍ତୁ। ଇଲେକ୍ଟ୍ରୋନିକ୍ସ ଓ ଅନ୍ୟ ଯନ୍ତ୍ରର ବ୍ୟବହାର କରୁଥିବା ଦୋକାନୀ ମଧ ମୋହର ଥିବା ବଟକରା ରଖିବାକୁ ବାଧ। ପ୍ୟାକେଟ ଉପରେ ନାମ, ଠିକଣା, ଜିନିଷର ଦାମ, ପରିମାଣ ଓ ପ୍ରସ୍ତୁତ ତାରିଖ ଆଦି ଲେଖିବା ବାଧ୍ୟତାମୂଳକ । ଏଥିପ୍ରତି ଧ୍ୟାନ ଦେବା ସହ ଜିନିଷ କିଣାବିକା ସମୟରେ ଉପଭୋକ୍ତାମାନେ ବିଲ୍ ମାଗିବାକୁ ଜେନା ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ପୂର୍ବତନ ସଭାପତି ସୁରେନ୍ଦ୍ରନାଥ ମିଶ୍ର ଉପଭୋକ୍ତାଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଗୋବିନ୍ଦ ଓଝା ଅତିଥି ପରିଚୟ ଓ ଶେଷରେ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ହତ୍ୟାକାଣ୍ଡ ମାମଲା, ୪ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୮।୩(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡା ଗ୍ରାମରେ ବିଜେଡିର ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ମାମଲାରେ କେ. ନୂଆଗାଁ ପୋଲିସ ଉଭୟ ପକ୍ଷର ୪ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟୁକୁନା ଗୌଡ଼, ସୀମାଞ୍ଚଳ ଗୌଡ଼, ବିଜୟ ଗୌଡ଼ ଏବଂ ପ୍ରତିମା ଗୌଡ଼। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ଦିଗପହଣ୍ଡି ସବ୍ ଜେଲ୍‌କୁ ପଠାଯାଇଛି। ଗତ ଶୁକ୍ରବାର ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କାଳୁ ଗୌଡ଼ ଏବଂ ଟୁକୁନା ଗୌଡଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହା ଉଗ୍ର ରୂପ ନେବାରେ ଟୁକୁନା ଗୌଡ଼ ଓ ତାଙ୍କ ସହଯୋଗୀମାନେ ମିଶି କାଳୁ ଗୌଡ଼ ଓ ତାଙ୍କ ଭଉଣୀ ଜୋସ୍ନା ଗୌଡ଼ ଏବଂ ପ୍ରତିମା ଗୌଡଙ୍କ ଉପରେ ଆକ୍ରମଣ କରିଥିଲେ। ସେହିଭଳି କାଳୁ ଗୌଡ଼ ଓ ତାଙ୍କ ସହଯୋଗୀ ମିଶି ଟୁକୁନାଙ୍କ ଗୋଷ୍ଠୀ ଉପରେ ଆକ୍ରମଣ କରିଥିଲେ। ଘଟଣାରେ ତୋଫାନ ଗୌଡ଼ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ବେଳେ କାଳୁ ଗୌଡ଼ ଓ ତାଙ୍କ ଦୁଇ ଭଉଣୀ ଗୁରୁତର ଆହତ ହୋଇଥିଲେ। ମୃତ ତୋଫାନଙ୍କ ବାପା ଉଆଳିଙ୍କ ଏତଲା ଭିତ୍ତିରେ ପୋଲିସ ନଂ. ୧୧୯/୨୩ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଗୁରୁତର କାଳୁ ଗୌଡଙ୍କ ପୁଅ ମନୋଜଙ୍କ ଏତଲା ଭିତ୍ତିରେ ଥାନା ମାମଲା ନଂ. ୧୨୦/୨୩ରେ ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଏହି ମାମଲାରେ ପୋଲିସ ଏକ ଖଣ୍ଡା ଏବଂ ଠେଙ୍ଗା ଜବତ କରିଛି।

### ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବଣ୍ଟନ

କ.ନୂଆଗାଁ,୨୮।୩(ଡି.ଏନ୍.ଏ.): କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କନ୍ଧମାଳ ଏମ୍‌ପି ଅଚୁତ ସାମନ୍ତଙ୍କ ତରଫରୁ ଯକ୍ଷ୍ମାରୋଗୀଙ୍କୁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୪୫ ରୋଗୀ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ସୁଲୋଚନା ଦଳ ବେହେରା, ଜିଲା ପରିଷଦ ସଭ୍ୟ ଅନିତା ମଲ୍ଲିକ, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ଏମ୍‌ପି ପ୍ରତିନିଧି ସହଦେବ ପାତ୍ର, ବ୍ଲକ ବିଜେଡି ସଭାପତି ଭାଗ୍ୟବାନ୍ ବେହେରା, ଉପାଧ୍ୟକ୍ଷ ସଭାପତି ରଜନୀକାନ୍ତ ସାହୁ, ଯାଦବ ପ୍ରଧାନ, ଡାକ୍ତର ଅମିତ କୁମାର ବେହେରା, ସୁପରଭାଇଜର ପ୍ରତାପ ଦାଶ, ସୁପରଭାଇଜର ମନୋଜ ପଣ୍ଡା, ବ୍ଲକ ସଂଯୋଜକ ଅଚ୍ୟୁତ ପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ହାଇସ୍କୁଲ ଫାଟକରେ ନାମଫଳକ ନାହିଁ



ପାରଳାଖେମୁଣ୍ଡି,୨୮।୩(ଡି.ଏନ୍.ଏ.): ଗଜପତି ଜିଲ୍ଲା କାଶୀନଗର ସହରସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲ ଅକ୍ଟୋବର ୧୯୫୫ରେ ପ୍ରତିଷ୍ଠିତ ହୋଇଥିଲା। ଦୀର୍ଘ ୬୭ ବର୍ଷ ଅତିବାହିତ ହୋଇସାରିଲାଣି। ଉକ୍ତ ହାଇସ୍କୁଲରେ ବର୍ତ୍ତମାନ ୧ମ ରୁ ୧୦ମ ଯାଏଁ ଶ୍ରେଣୀ ରହିଛି ଓ ୫୭୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରାଥମିକ ଓ ମାଧ୍ୟମିକ ସ୍ତର ପାଇଁ ୨୬ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ପ୍ରଧାନଶିକ୍ଷକ ଓ କିରାଣି ପଦବୀ ଖାଲିପଡିଛି। ସହକାରୀ ଶିକ୍ଷକ ଭି. କୁର୍ମନାଥମ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି । ଦୁଇ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡିଥିବାରୁ କାର୍ଯ୍ୟ ପରିଚାଳନା ଆଶାନୁରୂପକ ହୋଇପାରୁନାହିଁ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି। ତୁରନ୍ତ ଜଣେ ନିୟମିତ ପ୍ରଧାନ ଶିକ୍ଷକଙ୍କୁ ଅବସ୍ଥାପିତ କରିବା ପାଇଁ ଦାବି ରଖିଛନ୍ତି। ସ୍କୁଲ ପରିଚାଳନା କମିଟି ସଭାପତି ଜୟଶଙ୍କର ଲେଙ୍କା କହିଛନ୍ତି, ଶିକ୍ଷାନୁଷ୍ଠାନ ୫-ଟି ଅଧୀନକୁ ଯିବାପରେ ଭିତ୍ତିଭୂମିର ବିକାଶ ଘଟିଛି। ସ୍ମାର୍ଟ ଶ୍ରେଣୀଗୃହ, ଆଦର୍ଶ ବିଜ୍ଞାନାଗାର, ଇ-ପାଠାଗାର, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଇଣ୍ଟରନେଟ, ଇନ୍‌ଭଟର ଆଦିର ସୁବିଧା ମିଳିପାରିଛି । କିନ୍ତୁ ପ୍ରବେଶ ଫାଟକର ସୌନ୍ଦର୍ଯ୍ୟକରଣ ହୋଇ ପାରିନାହିଁ। ଫାଟକରୁ କିଛି ଟାଇଲ ଖସିଯିବା ପରେ ପିଡବ୍ଲୁଡି ବିଭାଗ ସବୁ ଟାଇଲ କାଢି ନେଇଛି। ଅଳଙ୍କରଣହୀନ ଫାଟକରେ ସ୍କୁଲର ନାଁ ଲେଖିବା ସମ୍ଭବ ହେଉନାହିଁ। ବାରମ୍ବାର ବିଭାଗକୁ ଜଣାଇବା ପରେ ବି ବିଭାଗ ନୀରବ ରହିଛି । ବହୁ ପୁରାତନ ଛାତ୍ର ଶିକ୍ଷାନୁଷ୍ଠାନର ରୂପାନ୍ତରଣ ସହ ଗୁଣାତ୍ମକ ବିକାଶ ଉପରେ ବି ସରକାର ଗୁରୁତ୍ୱ ଦେବା ଉଚିତ ବୋଲି ମତ ଦେଇଛନ୍ତି ।

## ବେଆଇନ ଗାଡ଼ି ଚାଳନା
# ପ୍ରଥମ ଦିନରେ ଧରାପଡ଼ିଲେ ୧୪ ନାବାଳକ

ଛତ୍ରପୁର/ଭଞ୍ଜନଗର/ପାରଳାଖେମୁଣ୍ଡି, ୨୮।୩(ଡି.ଏନ୍.ଏ): ରାଜ୍ୟ ସରକାରଙ୍କ ପକ୍ଷରୁ ବେଆଇନ ନାବାଳକ ବାଇକ ଚଳାଇବା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି । ଏନେଇ ଗଞ୍ଜାମ ଓ ଭଞ୍ଜନଗର ଆରଟିଓ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରି ୧୪ ନାବାଳକଙ୍କୁ ଧରାଯାଇଛି। ଗଞ୍ଜାମ ଆରଟିଓ ପକ୍ଷରୁ ୪ଟିମ ଗଠନ କରି ୧୨ ଜଣ ଓ ଭଞ୍ଜନଗର ପରିବହନ ବିଭାଗ ଗୋଟିଏ ଟିମ କରି ୨ ଜଣକୁ ଧରିଥିବା ଆରଟିଓ ପକ୍ଷରୁ କୁହାଯାଇଛି। ଜଣେ ପିଛା ୨୫ ହଜାର ଲେଖାଏଁ ଜରିମାନା ପକାଯାଇଛି । ସେମାନଙ୍କ ଅଭିଭାବକଙ୍କୁ ଡକାଯାଇ କାଉନସିଲିଂ କରାଯିବ ବୋଲି ଆରଟିଓ ଗଞ୍ଜାମ ମାନସ ରଞ୍ଜନ ସାହୁ ସୂଚନା ଦେଇଛନ୍ତି। ଏହି ଧରପଗଡ଼ ଜାରି ରହିବ ବୋଲି ସୂଚନା ଦେଇଛନ୍ତି।

ସେହିପରି ଭଞ୍ଜନଗର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କେଏସ୍‌ୟୁବି କଲେଜ ସମେତ ଅଞ୍ଚଳର ବିଭିନ୍ନ ସ୍ଥାନରେ ମଙ୍ଗଳବାର ୧୮ ବର୍ଷରୁ କମ୍ ଗାଡ଼ିଚାଳକଙ୍କ ଉପରେ କଡ଼ା ନଜର ରଖାଯାଇଛି। ଏହି ସମୟରେ ୨ଜଣ ଛାତ୍ର ବେନିୟମ ଭାବେ ଗାଡ଼ି ଚଳାଉଥିବା ଅଭିଯୋଗରେ ତାଙ୍କ ଅଭିଭାବକଙ୍କୁ ନୋଟିସ୍ ପଠାଯାଇଛି। ଏଥିସହ ଜରିମାନା ପକାଯାଇଛି । ପୂର୍ବରୁ



କେଏସ୍‌ୟୁବି କଲେଜ ସମ୍ମୁଖରେ ଯାଞ୍ଚ ଚାଲିଛି ।

କଲେଜରେ ପଢୁଥିବା ୧୮ ବର୍ଷରୁ କମ୍ ଛାତ୍ରୀଛାତ୍ରମାନେ ବେନିୟମ ଭାବେ ଗାଡ଼ି ଚଳାଉଥିଲେ। ବର୍ତ୍ତମାନ ଭଞ୍ଜନଗର ସହରରେ ଥିବା କେତେକ ଘରୋଇ ହାଇସ୍କୁଲର ଛାତ୍ରୀଛାତ୍ରମାନେ ମଧ୍ୟ ବେନିୟମ ଭାବେ ଗାଡ଼ିରେ ଯିବା ଆସିବା କରୁଛନ୍ତି। ଅପରପକ୍ଷେ ଦୁର୍ଘଟଣା ହ୍ରାସ କରିବା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ସ୍କୁଲ, କଲେଜରେ ସଚେତନତା କାର୍ଯ୍ୟକ୍ରମ ବାରମ୍ବାର କରାଯାଉଛି। ନାବାଳକମାନେ ଗାଡ଼ି ଚଳାଉଥିବା ସମୟରେ ଧରାପଡ଼ିଲେ ସେମାନଙ୍କ ଅଭିଭାବକଙ୍କୁ ଜେଲ ଏବଂ ଜରିମାନା ବ୍ୟବସ୍ଥା ଅଛି। ଯେଉଁ ନାବାଳକ

**ଗଣିଲେ ୨୫ ହଜାର ଲେଖାଏଁ ଜରିମାନା**

ଗାଡ଼ି ଚଳାଉଥିବେ ଧରାପଡ଼ିଲେ ତାଙ୍କର ଡ୍ରାଇଭିଂ ଲାଇନ୍ସେ ୨୫ ବର୍ଷ ପାଇଁ ରଦ୍ଦ କରାଯିବା ସହ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ଥିବା କହିଛନ୍ତି ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ। ଗଞ୍ଜାମ ଜିଲାରେ ୨୦୨୨ରେ ସଡ଼କ ଦୁର୍ଘଟଣା ରେ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ, ଯାହାକି ରାଜ୍ୟରେ ପ୍ରଥମ। ସେହିପରି ଗଜପତି ଜିଲାରେ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମଙ୍ଗଳବାର ମିଳିତ ଯାଞ୍ଚ କରାଯାଇଛି। ଏହି ସମୟରେ ଆମାନିୟାଙ୍କଠାରୁ ମୋଟ ୨୨୮,୮୮୦ ଜରିମାନା ଆଦାୟ ହୋଇଛି। ଏ ନେଇ ମୋଟ ୪୫ ମାମଲା ରୁଜୁ ହୋଇଥିଲେ ମଧ୍ୟ କେହି ନାବାଳକ ନଥିବା କୁହାଯାଇଛି।

ସୂଚନାଥାଉକି, ସ୍କୁଲ ଓ କଲେଜରେ ପଢୁଥିବା ଛାତ୍ରୀଛାତ୍ର ବିପଦଜନକ ଭାବେ ସ୍କୁଟି, ବାଇକ ଚଳାଉଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏହି ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ଫଳ ସ୍ୱରୂପ ପୋଲିସ ଓ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ବିଭିନ୍ନ ସ୍ଥାନରେ ଯାଞ୍ଚ ଆରମ୍ଭ ହୋଇଛି।

# ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

ବୁଗୁଡା,୨୮।୩(ଡି.ଏନ.ଏ.)

ବୁଗୁଡା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର ସେବା ସମବାୟ ସମିତି କାର୍ଯ୍ୟାଳୟରେ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସମ୍ପୃକ୍ତ ସେବା ସମବାୟ ସମିତିର ସଭାପତି ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟଅତିଥି ଭାବେ ଆସିକା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃର ସଭାପତି ମଙ୍ଗୁଲୁ ଧର ସାହୁ, ସମ୍ମାନିତ ଅତିଥି ଭାବେ ବ୍ୟାଙ୍କ ନିର୍ଦ୍ଦେଶିକା ନନ୍ଦିନୀ ଭୂୟାଁ, ଏଆରସିଏସ୍ ପର୍ଯ୍ୟବେକ୍ଷକ ଆଶିଷ କୁମାର ସେଠୀ, ବୁଗୁଡା ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରାୟ, ଏମ୍‌ପି ପ୍ରତିନିଧି କବିରାଜ ଗୌଡ଼, ସରପଞ୍ଚ ପ୍ରତିନିଧି ସନ୍ତୋଷ କୁମାର ସେଠୀ, ସମିତି ସଭ୍ୟା ପ୍ରତିନିଧି ସୀମାଞ୍ଚଳ ନନ୍ଦ



କର୍ମଶାଳାରେ ଉପସ୍ଥିତ ଅତିଥି।

ପ୍ରମୁଖ ଯୋଗଦେଇ ସମବାୟ ବ୍ୟାଙ୍କର ବିଭିନ୍ନ ସେବା ସହ ଚାଷୀ ଓ ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଋଣ ପ୍ରଦାନ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଏନେଇ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ପାଙ୍ଗିଡି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବିଷୋୟୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲା ବେଳେ ବିରଞ୍ଚିପୁର ସେବା ସମବାୟ ସମିତି ସମ୍ପାଦକ ଜଟେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ବ୍ଲକର ସମସ୍ତ ସମବାୟ ସମିତିର ସମ୍ପାଦକ, ଡିଇଓ, ସମିତିର ଡାଇରେକ୍ଟର, ବହୁ ଚାଷୀ ଏବଂ ମହିଳାମାନେ ଉପସ୍ଥିତ ଥିଲେ।

## ମହାଗୁଡ଼ାରେ ହେବ ପଞ୍ଚୁଦଣ୍ଡ ମିଳନ

ଜି.ଉଦୟଗିରି,୨୭।୩(ଡି.ଏନ୍.ଏ.)

ଜି.ଉଦୟଗିରି ମହାଗୁଡା ସାହିଠାରେ ଏପ୍ରିଲ ୮ତାରିଖରେ ପଞ୍ଚୁ ଦଣ୍ଡ ଅନୁଷ୍ଠିତ ହେବ। ରବିବାର ମହାଗୁଡା ସାହି ପଞ୍ଚୁ ଦଣ୍ଡ କମିଟି ତରଫରୁ ଏଥିନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦୁଇ ବର୍ଷ ହେବ କରୋନା ଯୋଗୁ ପଞ୍ଚୁ ଦଣ୍ଡ ହୋଇପାରିନଥିଲା। ତେଣୁ ଚଳିତ ବର୍ଷ ପୁଣି ପଞ୍ଚୁ ଦଣ୍ଡ କରାଯିବା ପାଇଁ ନିଷ୍ପତ୍ତି କରାଯାଇଛି। ସାହିର ଭୀମସେନ ମହାରଣା, ବଳରାମ ସାହୁ, ଅନୀଲ ପଟ୍ଟନାୟକ, କମଳ ରାୟ, ସଞ୍ଜୟ ଆଚାର୍ଯ୍ୟ, ବାଫି ମହାରଣା, ଅଶ୍ୱିନ ଆଚାର୍ଯ୍ୟ, ଲିଟୁ ସାହୁ, ବୁଲୁ ପାଢ଼ୀ ସମେତ ସାହି ବାସିନ୍ଦା ମାନେ ଉପସ୍ଥିତ ରହି ଶୃଙ୍ଖଳିତ ଭାବେ ପଞ୍ଚୁ ଦଣ୍ଡ ଯାତ୍ରା କରିବାକୁ ନିଷ୍ପତ୍ତି କରିଥିଲେ।

# ହାତୀ ସୁରକ୍ଷା, ଚାକିରି ବଞ୍ଚାଇବା ପାଇଁ ବିଦ୍ୟୁତ୍ କାଟ୍

ଭଞ୍ଜନଗର,୨୮।୩(ଡି.ଏନ.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ବିଗତ ୭ମାସରେ ୭ ହାତୀଙ୍କ ମୃତ୍ୟୁ ହେଲାଣି, ଯାହାକି ଚିନ୍ତାଜନକ ବିଷୟ। ବର୍ତ୍ତମାନ ଏହି ବନଖଣ୍ଡରେ ୪୫ରୁ ଉର୍ଦ୍ଧ୍ୱ ହାତୀ ବିଭିନ୍ନ ରେଞ୍ଜରେ ଘୂରି ବୁଲୁଛନ୍ତି। କାର୍ଯ୍ୟରେ ଅବହେଳା ଯୋଗୁ ଯଦି ହାତୀ ମୃତ୍ୟୁ ହେବ ତେବେ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଭୟ ରହିଛି । ତେଣୁ ହାତୀମାନଙ୍କର ଯେଭଳି କିଛି କ୍ଷତି ନ ହେବ ସେହି ଚିନ୍ତାରେ ବନ କର୍ମଚାରୀମାନେ ଦିନରାତି ଏକ କରି ହାତୀ ସୁରକ୍ଷାରେ ଲାଗିପଡ଼ିଛନ୍ତି। ଅନ୍ୟପଟେ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ କାଟି ନିଶ୍ଚିନ୍ତରେ ରହିଯାଉଛି । ଏହିଭଳି ଆଜକୁ ପ୍ରାୟ ୮ମାସ ହେବ ଗ୍ରାମାଞ୍ଚଳର ବିଭିନ୍ନ ଗ୍ରାମରେ ସନ୍ଧ୍ୟା ହେଲେ ମାସ ମାସ ଧରି ବିଦ୍ୟୁତ୍ କାଟ୍ କରାଯାଉଛି । ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ହେଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛି ଟାଟା ପାୱାର, ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହିଭଳି ପରିସ୍ଥିତିରେ ମୁଜାଗଡ଼ ରେଞ୍ଜ ବିଞ୍ଜିଗିରି ଅଞ୍ଚଳର ଶତାଧିକ ଲୋକ ଟାଟା ପାୱାର ଭଞ୍ଜନଗର କାର୍ଯ୍ୟାଳୟ, ମୁଜାଗଡ଼ ରେଞ୍ଜ, ଡ଼ିଏଫଓ କାର୍ଯ୍ୟାଳୟ ଘେରାଉ କରି ପାୱାର କଟ୍ ରୋକିବା ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ଯଦି ପାୱାର କଟ୍ ଲାଗିରହେ ତେବେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ରହିଛି। ଶିକାରୀ ମାନେ ହୁକିଂ କରି ବନ୍ୟପ୍ରାଣୀ ଶିକାର କରୁଛନ୍ତି । ଏହି ସମୟରେ ହାତୀ ଭଳି ବନ୍ୟପ୍ରାଣୀ ହୁକିଂରେ ଲାଗି ଅକାଳରେ ମୃତ୍ୟୁବରଣ କରୁଛନ୍ତି। ତେଣୁ ଦୁଇ ବିଭାଗ ସମନ୍ୱୟ ରକ୍ଷା କରି ବିଦ୍ୟୁତ୍ କାଟ୍ କରିଦେଉଛନ୍ତି । ଏହାର ପ୍ରଭାବ ଲୋକଙ୍କ ଉପରେ ପଡୁଛି। ତେଣୁ ଏହାର ସମାଧାନ ନମିନ୍ତେ ସ୍ଥାନୀୟ ଲୋକେ ଦାବି କରିଛନ୍ତି, ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

## ସମବାୟ ବ୍ୟାଙ୍କରେ ଅର୍ଥ ହେରଫେର ଅଭିଯୋଗ

ପାରଳାଖେମୁଣ୍ଡି, ୨୮।୩ (ଡି.ଏନ୍.ଏ):

ଗଜପତି ଜିଲା ସହରାଞ୍ଚଳ ସମବାୟ ବ୍ୟାଙ୍କରେ ବ୍ୟାପକ ଅର୍ଥ ହେରଫେର ହୋଇଥିବା ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ । ଲୋକଙ୍କ ଜମା ଅର୍ଥର ୨୫ ପ୍ରତିଶତ ସରକାରୀ ସିକ୍ୟୁରିଟି ବାବଦକୁ ଦିଆଯାଇଥିବା ଅର୍ଥ କଲିକତାର ଏକ ଘରୋଇ ସଂସ୍ଥା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଗଜପତି ଜିଲା ପାରଳାଖେମୁଣ୍ଡି ସହରାଞ୍ଚଳ ସମବାୟ ବ୍ୟାଙ୍କ ଖୋଦ ଠକାମୀର ଶିକାର ହୋଇଛି। ପାରଳାଖେମୁଣ୍ଡିରେ ଥିବା ସହରାଞ୍ଚଳ ସମବାୟ ବ୍ୟାଙ୍କ ସରକାରୀ ସିକ୍ୟୁରିଟି ବାବଦକୁ ଲୋକଙ୍କ ଜମାରାଶିର ୨୫ ପ୍ରତିଶତ ଅର୍ଥ ସରକାରୀ ଆକାଉଣ୍ଟରେ ଜମାକରିବା ପାଇଁ ସରକାରୀ ନିୟମ ରହିଛି । ପୂର୍ବରୁ ଏହି ୨୫ପ୍ରତିଶତ ଟଙ୍କା ହାଇଦ୍ରାବାଦର ଏକ ସଂସ୍ଥାକୁ ଏକ୍ସିସ ବ୍ୟାଙ୍କ ଜରିଆରେ ଦିଆଯାଇଥିଲା। କିନ୍ତୁ ସମ୍ପାଦକ ଚଳିତ ଥର କଲିକତାର ଏକ ଘରୋଇ ସଂସ୍ଥା ସାଇ ଇନ୍‌ଫ୍ରା ଫାଇନାନ୍ସକୁ ପୈଠ କରି ବ୍ୟତିକ୍ରମ କରିଥିବା ଅଭିଯୋଗ କରିଛନ୍ତି ବ୍ୟାଙ୍କର ନିର୍ବାଚିତ ସଭ୍ୟ ଅଭିମନ୍ୟୁ ପଣ୍ଡା। ତେବେ ବ୍ୟାଙ୍କର ନିର୍ବାଚିତ ସଭ୍ୟ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମିଳିତ ନିଷ୍ପତ୍ତି କ୍ରମେ ଲୋକଙ୍କ ଜମାରାଶିର ୨୫ ପ୍ରତିଶତ ଅର୍ଥ କୋଲକାତାର ସାଇ ଇନଫ୍ରା ଫାଇନାନ୍ସ ସିକ୍ୟୁରିଟି ଆକାଉଣ୍ଟରେ ଗତ ଜାନୁଆରୀ ୨ରେ ୯୧ଲକ୍ଷ ୩୩ ହଜାର ୫୦୫ ଟଙ୍କା ବ୍ୟାଙ୍କ କର୍ତ୍ତୃପକ୍ଷ ଜମା କରିଥିଲେ। ହେଲେ ଜାନୁଆରୀ ୭ ତାରିଖ ପର୍ଯ୍ୟନ୍ତ ସଂପୃକ୍ତ ସଂସ୍ଥା ସରକାରୀ ଆକାଉଣ୍ଟରେ ଜମା କଲାନାହିଁ। ବ୍ୟାଙ୍କ କର୍ତ୍ତୃପକ୍ଷ ବାରମ୍ବାର ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ ମଧ୍ୟ ସଂସ୍ଥା ତରଫରୁ ସରକାରୀ ଆକାଉଣ୍ଟରେ ଟଙ୍କା ଜମା କରିନଥିଲା। ଶେଷରେ ବାଧ୍ୟ ହୋଇ ବ୍ୟାଙ୍କ କର୍ତ୍ତୃପକ୍ଷ ପାରଳାଖେମୁଣ୍ଡି ଥାନାରେ ଏତେଲା ଦେଇଥିଲେ । ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଅଶୋକ କୁମାର ନାୟକଙ୍କ କହିବା ହେଲା, ଲୋକଙ୍କ ଅର୍ଥ ସୁରକ୍ଷିତ, ସେଥିରେ କୌଣସି ସମସ୍ୟା ନାହିଁ । ଅର୍ଥ ଫେରାଇ ଆଣିବା ପାଇଁ ପୋଲିସ ପଦକ୍ଷେପକୁ ଅପେକ୍ଷା କରାଯାଇଛି। ତେବେ ଯଥା ଶୀଘ୍ର ଟଙ୍କା ଫେରାଇ ଅଣାଯିବ। ଜମାକାରୀ ନୃସିଂହ ଚରଣ ପଟ୍ଟନାୟକ କହିଛନ୍ତି, ସମ୍ପୃକ୍ତ ସଂସ୍ଥାକୁ ବିଶ୍ୱାସକୁ କିଭଳି ନେଲେ ତାହା ତଦନ୍ତର ପରିସରଭୁକ୍ତ ହେବା ଆବଶ୍ୟକ ରହିଛି। ଏନେଇ ପୋଲିସ କିଛି କହିବାକୁ ମନା କରିଦେଇଛି ।

## ଜିଲାସ୍ତରୀୟ ଖାଉଟି ସଚେତନତା କର୍ମଶାଳା

ନୟାଗଡ଼ ଅଫିସ,୨୮।୩:

ଜିଲାପରିଷଦର ସମ୍ମିଳନୀ କକ୍ଷ ସୃଜନରେ ମଙ୍ଗଳବାର ଜିଲାସ୍ତରୀୟ ଖାଉଟି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜଷ୍ଟିସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନୟାଗଡ଼ ଅତିରିକ୍ତ ଜିଲପାଳ ବିଧାନ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ । ଜିଲାପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ମୁଖ୍ୟଅତିଥି ଓ ମୁଖ୍ୟବକ୍ତାରୂପେ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚର ପୂର୍ବତନ ସଭାପତି ନାରାୟଣ ମହାପାତ୍ର ଯୋଗ ଦେଇଥିଲେ। ନୟାଗଡ଼ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ନିରୁପମା ଖଟେଇ, ଜିଲା ପରିଷଦ ସଭ୍ୟ ସଂଯୁକ୍ତା ପଡ଼ିହାରୀ, ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶୁଭ୍ରଜିତ୍ ସାମନ୍ତରାୟ ଅତିଥି ରୂପେ ଯୋଗ ଦେଇଥିଲେ । ବକ୍ତାମାନେ ନିଜ ଭାଷଣରେ କହିଥିଲେ କାହାକୁ ଠକିବା ନାହିଁ । ଅତିରଞ୍ଜିତ ବିଜ୍ଞାପନରେ ଲୋଭଗ୍ରସ୍ତ ନ ହୋଇ ବୁଝି ବିଚାରି କ୍ରୟ କରିବା ଦରକାର । କ୍ରୟ ସମୟରେ ରସିଦ୍ କ୍ୟାସ୍ ମେମୋ ସଂଗ୍ରହ କରିବା ଉଚିତ୍ । ସୁନା ଅଳଙ୍କାର, ପେଟ୍ରୋଲ, ଗ୍ୟାସ୍ ଓ ନିତ୍ୟ ବ୍ୟବହାର୍ଯ୍ୟ ଉପକରଣ କ୍ରୟ ବେଳେ ଓଜନ, ମାପ, ମୂଲ୍ୟ ପ୍ରତି ଧ୍ୟାନ୍ ଦେବା ଦରକାର । ଅଧିକାର ମାଗିଲେ ମିଳେନା, ତାହାକୁ ହାସଲ କରିବାକୁ ପଡେ । ଖାଉଟି ପ୍ରତି ହେଉଥିବା ଅନ୍ୟାୟ, ଅନୀତି ଓ ଦୁର୍ନୀତି ବିରୋଧରେ ସଂଘବଦ୍ଧ ହୋଇ ସ୍ୱର ଉତ୍ତୋଳନ କରନ୍ତୁ। କେବଳ ଆନ୍ତର୍ଜାତିକ ଉପଭୋକ୍ତା ଅଧିକାର ଦିବସରେ ଭାସଣବାଜି ନ କରି ସବୁ ଦିନ ସଚେତନତା ରୁହନ୍ତୁ ଓ ସଚେତନତା ସୃଷ୍ଟି କରାନ୍ତୁ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର ପରିଚାଳନା କରିଥିଲେ । ଗାୟକ ଭାଲେଣ୍ଟାଇନ ଲଭଷ୍ଟ ଖାଉଟି ସଚେତନତା ଉପରେ ଗୀତ ଆବୃତ୍ତି କରିଥିଲେ ।

## ଉପଜିଲାପାଳଙ୍କୁ ଭେଟିଲେ ୧୭ ଖଣ୍ଡ ଗାଁର ଲୋକ
### ୧ ବନାମ ୧୭ ଖଣ୍ଡ ଗାଁ ବିବାଦ

ନୟାଗଡ଼ ଅଫିସ,୨୮।୩:

ନୂଆଗାଁ ବ୍ଲକ ନୟାଗଡ଼ ସଦର ଥାନା ବଳଭଦ୍ରପୁର ଓ ଢ଼ିପମାଳ ଅଧାପନ୍ତରିଆ ରାସ୍ତାକୁ ଶେଷ କରିବା ପାଇଁ ୧୭ ଖଣ୍ଡ ଗାଁ ଲୋକ ବହୁ ଦିନ ଧରି ଦାବି କରି ଆସୁଥିଲେ ମଧ୍ୟ ସେମାନଙ୍କ ଦାବି ପୂରଣ ହେଉ ନାହିଁ । ଏ ଅବସରରେ ରାସ୍ତା କାମ ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆ ଯାଉଥିଲେହେଁ ଏହାକୁ କାର୍ଯ୍ୟକାରୀ କରାଯାଉ ନ ଥିବାରୁ ୧୭ ଖଣ୍ଡ ଗାଁ ଲୋକ ଅସନ୍ତୋଷ ବ୍ୟକ୍ତ କରି ମଙ୍ଗଳବାର ଉପଜିଲାପାଳଙ୍କୁ ଭେଟିଛନ୍ତି। ଖୁବଶୀଘ୍ର ଉଭୟ ପକ୍ଷଙ୍କୁ ଡକାଇ ରାସ୍ତା ବିବାଦର ସମାଧାନ କରାଯିବାକୁ ପ୍ରତିଶ୍ରୁତି ମିଳିବା ପରେ ୧୭ ଖଣ୍ଡ ଗାଁଲୋକ ଗାଁକୁ ଫେରିଛନ୍ତି ।

ସୂଚନାଯୋଗ୍ୟ, ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବୁନାଲର କ୍ଲିୟରାନ୍ସ ପାଇବା ପରେ ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ରାସ୍ତା ବିବାଦ ଘଟଣାକୁ ନୟାଗଡ଼ ଜିଲା ପ୍ରଶାସନ ସମାଧାନ କରିବାକୁ ଉଦ୍ୟମ କରିଥିଲା। ଏପରି କି ୨୦୨୨ ଜୁନ ୨୧ରେ ବିବାଦୀୟ ବଳଭଦ୍ରପୁର ଓ ଢ଼ିପମାଳ ୩ କିମି ରାସ୍ତାକୁ ନିର୍ମାଣ କାମ ଆରମ୍ଭ କରିଥିଲା। ଗୁଡୁପାଲିର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଦେଇ ରାସ୍ତା କାମ ସେହି ମାସ ୨୩ରେ ଶେଷ ହୋଇଥିଲା । ରାସ୍ତା ନିର୍ମାଣ ପାଇଁ ୧୪୪ ଧାରା ୨୦୨୨ ଜୁନ ୧୬ରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଲାଗୁ ହୋଇଥିଲା । ୩ଦିନ ଧରି ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ରଥଯାତ୍ରା ମୁଣ୍ଡ ଉପରେ ଥିବାରୁ ରାସ୍ତା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ରାସ୍ତା କାମ ହୋଇ ପାରି ନ ଥିବାରୁ ୧୭ ଖଣ୍ଡ ଗାଁ ଲୋକ ଆନ୍ଦୋଳନ କରିବାକୁ ପୁଣି ସଜବାଜ ହୋଇଥିଲେ। ନୂଆଗାଁ ବ୍ଲକର ଶିମିଳିସାହିଠାରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ଅବରୋଧ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏନେଇ ଗତ ୧୩ ତାରିଖରେ ବୈଠକ କରାଯାଇ ରାସ୍ତାରୋକୋ ଆନ୍ଦୋଳନକୁ ବାତିଲ କରାଯାଇଥିଲା । ଏଥିପାଇଁ ପ୍ରଶାସନ ୧୫ ଦିନ ସମୟ ନେଇଥିଲା । ୧୫ ଦିନ ସମୟ ଅତିବାହିତ ହେବା ପରେ ମଙ୍ଗଳବାର ପୁଣି ୧୭ ଖଣ୍ଡର ଗାଁ ଲୋକ ଉପଜିଲାପାଳ, ଜିଲାପାଳ ଅଫିସକୁ ଆସିଥିଲେ । ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳଙ୍କୁ ଭେଟିଥିଲେ ।

ପ୍ରକାଶଥାଉକି, ବଳଭଦ୍ରପୁର ଓ ଢ଼ିପମାଳକୁ ରାସ୍ତା ନିର୍ମାଣ ବିବାଦର ମୂଳ କାରଣ । ଜଙ୍ଗଲ ମଧ୍ୟରେ ରାସ୍ତା ବନ୍ଦ କରିବା ଓ ରାସ୍ତା କରିବା ପରି ଦାବି ନେଇ ମାଳିସାହି, ଢ଼େଙ୍କେଣା ଓ ଖଣ୍ଡୁଗାଁ ଆଦି ୩ ପଞ୍ଚାୟତର ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୬ ବର୍ଷ ହେଲା ବିବାଦ ଲାଗି ରହିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ଉଭୟ ଗାଁ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା । ଏବେ ବି ଗୁଡୁପାଙ୍ଗୀ ଲୋକ ଜିଲା ପ୍ରଶାସନ କୌଣସି ବୈଠକକୁ ଆସୁ ନାହାନ୍ତି ।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ଜି.ଉଦୟଗିରି,୨୮।୩(ଡି.ଏନ.ଏ.)- ଜି.ଉଦୟଗିରି ବ୍ଲକ କଳା ସଂସ୍କୃତି ସଂଘ ତରଫରୁ ସୋମବାର ସ୍ଥାନୀୟ ତହସିଲଦାର ଶୁଭାଞ୍ଜଳି ପ୍ରଧାନଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି। ସମାଜରେ କଳା ସଂସ୍କୃତି, ଐତହ୍ୟକୁ ବଜାଇ ରଖୁଥିବା ଏହି ସଂଘର ବିଭିନ୍ନ କାର୍ଯ୍ୟକ୍ରମ ଦୃଷ୍ଟିରେ ରଖି ନିଜସ୍ୱ କାର୍ଯ୍ୟାଳୟ ଆବଶ୍ୟକ ହେଉଥିବା ବେଳେ ସୋମବାର ୧୦୦ ଆର ଜାଗା ଦେବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରାଯାଇଛି। ସେହିପରି କଳାକାର ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ବ୍ଲକ କାର୍ଯ୍ୟାଳୟଠାରେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସଂଘ ତରଫରୁ ଶତାଧିକ ମହିଳା ପୁରୁଷ ସାମିଲ ହୋଇଥିଲେ। ସଂଘ ତରଫରୁ ସୁରେଶ ଦିଗାଳ, ଅମର ସିଂ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# କିଓସ୍କ ବ୍ୟାଙ୍କରେ ହିତାଧିକାରୀଙ୍କ ଟଙ୍କା ଠକେଇ

ଫୁଲବାଣୀ ଅଫିସ, ୨୮।୩

କନ୍ଧମାଳ ଜିଲା ଫୁଲବାଣୀ ସହରରେ ଥିବା କିଓସ୍କ ବ୍ୟାଙ୍କି ସଂସ୍ଥା ହିତାଧିକାରୀଙ୍କ ଲକ୍ଷାଧିକ ଟଙ୍କା ଉଠାଇ ନେଇଛି । ବାୟୋମେଟ୍ରିକ ପଦ୍ଧତି ଜରିଆରେ ୨୦ ରୁ ଅଧିକ ଗ୍ରାହକଙ୍କ ୭ ଲକ୍ଷରୁ ଅଧିକ ଟଙ୍କା ଠକି ନିଆଯାଇଛି। ଘଟଣା ଜଣାପଡିବା ପରେ କିଓସ୍କ ବ୍ୟାଙ୍କକୁ ଷ୍ଟେଟ ବ୍ୟାଙ୍କ କର୍ତ୍ତୃପକ୍ଷ ବନ୍ଦ କରି ଦେଇଛନ୍ତି । ହିତାଧିକାରୀମାନେ ଘଟଣା ସଂକ୍ରାନ୍ତରେ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଛନ୍ତି । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ଫୁଲବାଣୀ ସହର ଅମଲାପଡାରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଜନସେବା କେନ୍ଦ୍ରରେ କିଓସ୍କ ବ୍ୟାଙ୍କିଙ୍ଗ ଚାଲିଥିଲା। ଏହାର ସ୍ୱତ୍ତ୍ୱାଧିକାର ରମାକାନ୍ତ ଦିଗାଲଙ୍କ ନାମରେ ରହିଛି । ଏହି କିଓସ୍କ ବ୍ୟାଙ୍କରେ ପାଖାପାଖି ୬ ମାସ ଧରି ଏଭଳି ଠକେଇ ଚାଲିଛି। କିଛି ଦିନ ପୂର୍ବରୁ ନରେନ୍ଦ୍ର ବେହେରା ନାମକ ଜଣେ ଗ୍ରାହକ ଟଙ୍କା ଜମା କରିବା ପାଇଁ ଉକ୍ତ ବ୍ୟାଙ୍କକୁ ଯାଇ ବିଭିନ୍ନ ସମୟରେ ବାୟୋମେଟ୍ରିକ ବ୍ୟବସ୍ଥା



ଠକେଇର ଶିକାର ହୋଇଥିବା ହିତାଧିକାରୀମାନେ।

ମାଧ୍ୟମରେ ୧୨ହଜାର ୫୦୦ ଟଙ୍କା ଜମା କରିଥିଲେ। ନରେନ୍ଦ୍ରଙ୍କ ଜମା ଖାତା ଅପଡେଟ ପାଇଁ କିଓସ୍କ ବ୍ୟାଙ୍କ କର୍ମଚାରୀ ରଖି ଦେଇଥିଲେ। ବହୁବାର ଖାତା ପାଇଁ ନରେନ୍ଦ୍ର ଦୌଡିବା ପରେ କିଓସ୍କ ବ୍ୟାଙ୍କ କର୍ମଚାରୀ ଖାତା ଅପଡେଟ ହୋଇ ପାରୁ ନାହିଁ କହି ଫେରାଇ ଦେଇଥିଲେ। ଖାତା ବ୍ୟାଙ୍କରେ ଅପଡେଟ କରିବା ବେଳେ ତାଙ୍କ ଆକାଉଣ୍ଟରୁ ୭୦ ହଜାର ଟଙ୍କା ହଡ଼ପ ହୋଇଥିବା ଜାଣିବା ପରେ ସେ ଟାଉନ ଥାନାରେ ଏତଲା ଦେଇଥିଲେ। ସେହିପରି ଅମେରେଶ କହଁର, ସ୍ନିଗ୍ଧାରାଣୀ ଦିଗାଲ, ମମତା ବେହାରା, ଜୟନ୍ତି ସେଠି, ରୁନି ମଲିକ, ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ର ବେହେରା, ଗଣେଷ ଦେହୁରୀ, ସୁନିତା କହଁରଙ୍କ ଆଦି ହିତାଧିକାରୀଙ୍କ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ଟଙ୍କା ଉଠାଣ ହୋଇଛି। ବ୍ୟାଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି କିଓସ୍କ ରମାକାନ୍ତ ଦିଗାଲଙ୍କ ନାମରେ ଥିବା ବେଳେ ତାଙ୍କ ସ୍ତ୍ରୀ ସରସ୍ୱତୀ ଏହାକୁ ଚଳାଉଥିଲେ। ଠକାମୀ ନେଇ ସୂଚନା ମିଳିବା ପରେ ଏହି କିଓସ୍କ ବ୍ୟାଙ୍କର ଆଇଡି ବ୍ଲକ କରାଯିବା ସହ କିଓସ୍କ ସାମନାରେ ନୋଟିସ ମରାଯାଇଛି ବୋଲି ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପରିଚାଳକ ପ୍ରଶାନ୍ତ କୁମାର ବେହେରା ପ୍ରକାଶ କରିଛନ୍ତି । ଟାଉନ ଥାନା ଅଧିକାରୀ ଅଶୋକ କୁମାର ଗିରିଙ୍କୁ ପଚାରିବାରୁ ସରସ୍ୱତୀ ଟଙ୍କା ସହ ନିଖୋଜ ହୋଇ ଯାଇଥିବା ନେଇ ସ୍ୱାମୀ ରମାକାନ୍ତ ଗତ ୨୪ ତାରିଖରେ ଥାନାରେ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ ଚାଲୁ ରହିଛି ବୋଲି କହିଛନ୍ତି।

